**ବିବାହିତା ମହିଳାଙ୍କ ଆତ୍ମହତ୍ୟା**

ବ୍ରଜରାଜନଗର,(ଡି.ଏନ.ଏ.): ଓରିଏଣ୍ଟ ଥାନା ଅନ୍ତର୍ଗତ ରାମଗଡରେ ରହୁଥିବା ଜଣେ ବିବାହିତା ମହିଳା ଶନିବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସନ୍ତୋଷୀ ବିଶ୍ୱାଳ (୩୮)। ସନ୍ତୋଷୀ ଦୀର୍ଘଦିନ ହେଲା ସ୍ୱାମୀଠାରୁ ଅଲଗା ହୋଇ ଭଉଣୀ ଘରେ ରହୁଥିଲେ ମଧ୍ୟ ମାନସିକ ଚାପରେ ରହୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ, ମୁଦିପଡା, ସକାଳ ୮ଟା ।
- ଧ୍ୱଜାରୋହଣ, ବିଗ୍ରହ ସ୍ଥାପନ ଓ ରୁଦ୍ର ଯଜ୍ଞ, ଶାନ୍ତିନଗର ସାଇ ମନ୍ଦିର, ସକାଳ ୮ଟା ।
- ଅଙ୍ଗରାଗ ମହୋତ୍ସବ, ଝାଡୁଆପଡା ନିକଟସ୍ଥ ଗୌରମଠ, ପୂର୍ବାହ୍ନ ୯ଟା ।
- ବିପ୍ର ପ୍ରିମିୟର ଲିଗ୍ ଉଦ୍‌ଯାପନୀ ଉତ୍ସବ, ରେଲୱେ ଷ୍ଟାଡିୟମ, ପୂର୍ବାହ୍ନ ୧୧ଟା ।
- ଟାଟା ସଫାରୀ ନୂତନ ଗାଡ଼ି ଶୁଭାରମ୍ଭ, ସମ୍ବଲପୁର ଲଙ୍କେଶ୍ୱରୀ ମୋଟର୍ସ, ସନ୍ଧ୍ୟା ସାଢ଼େ ୬ଟା ।
- ଅଦୃଶ୍ୟ ନାଟ୍ୟ ଆଶ୍ରମ ପକ୍ଷରୁ ସ୍ମୃତିରେ ରାଜେନ୍ଦ୍ର କାର୍ଯ୍ୟକ୍ରମ, ଭୀମଭୋଇ ସାହିତ୍ୟ ସଂସଦ, ଅପରାହ୍ନ ୪ଟା ।

# ସଂଗ୍ରାମ ସମିତିର ରେଳରୋକୋ ଆନ୍ଦୋଳନ

## ତାଳଚେର ବିମଳାଗଡ଼ ରେଳପଥ ତୁରନ୍ତ ନିର୍ମାଣ ଦାବି

**ଲହୁଣୀପଡା, ୨୦।୨ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବିମଳାଗଡ଼ ରେଳଷ୍ଟେଶନଠାରେ ଶନିବାର ରେଳରୋକୋ ଆନ୍ଦୋଳନ କରାଯାଇଥିଲା। ତାଳଚେର ବିମଳାଗଡ଼ ରେଳପଥ ସଂଗ୍ରାମ ସମିତିର ଡାକରାରେ ସିପିଆଇଏମ୍ ତରଫରୁ ଏହି ଆନ୍ଦୋଳନ ହୋଇଥିଲା। ତାଳଚେର ବିମଳାଗଡ ରେଳପଥ ତୁରନ୍ତ ନିର୍ମାଣ ଦାବି କରାଯାଇଥିଲା। ସିପିଆଇଏମର କର୍ମକର୍ତ୍ତା ଓ କର୍ମୀମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ତାଳଚେର ବିମଳାଗଡ ରେଳପଥକୁ ତୁରନ୍ତ ନିର୍ମାଣ ଦାବି କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନବିରୋଧି ଆଇନକୁ ନିନ୍ଦାକରି ସ୍ଲୋଗାନ ଦେଇ ରେଳଷ୍ଟେଶନରେ ପହଞ୍ଚିଥିଲେ। ତାଳଚେର ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ ଆନ୍ଦୋଳନରେ ଯୋଗଦେଇଥିଲେ। ୧୯୬୮ ମସିହାରେ ପ୍ରସ୍ତାବିତ ତାଳଚେର ବିମଳାଗଡ ରେଳପଥ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଆଜିଯାଏ ହୋଇପାରିଲା ନାହିଁ। କେନ୍ଦ୍ର ସରକାର ତାଳଚେର ବିମଳାଗଡ ରେଳପଥ ନିର୍ମାଣ ପାଇଁ ବିଭିନ୍ନ ଆର୍ଥିକ ବର୍ଷରେ ବ୍ୟୟମଞ୍ଜୁରୀ କରିଥିଲେ। ଚଳିତବର୍ଷ ୧୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ପୂର୍ବରୁ ରାଜ୍ୟ ସରକାର ଜମି ଅଧିଗ୍ରହଣ କରି ରେଳପଥ ବିଭାଗକୁ ହସ୍ତାନ୍ତର ନ କରିବା ଯୋଗୁ ମିଳୁଥିବା ଟଙ୍କା ଖର୍ଚ୍ଚ ହୋଇପାରୁନାହିଁ ବୋଲି ରେଳବାଇ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଉଥିଲା। ବର୍ତ୍ତମାନ ରାଜ୍ୟ ସରକାର ଜମି ଅଧିଗ୍ରହଣ କାର୍ଯ୍ୟ ସାରିଥିବାବେଳେ କେନ୍ଦ୍ର ସରକାର ରେଳପଥ ନିର୍ମାଣ ପାଇଁ ପର୍ଯ୍ୟାପ୍ତ ଟଙ୍କା ନ ଦେବା ଏହା ଏ ଅଞ୍ଚଳ ପାଇଁ ଏକ ବୈମାତୃକ ମନୋଭାବ ଛଡା ଆଉ କିଛି ନୁହେଁ। ଚଳିତ ବଜେଟରେ ମାତ୍ର ୧୦ କୋଟି ଟଙ୍କା ତାଳଚେର ବିମଳଗଡ ରେଳପଥ ନିର୍ମାଣ ପାଇଁ କେନ୍ଦ୍ର ସରକାର ବ୍ୟୟ ମଞ୍ଜୁରୀ କରିଛନ୍ତି। ଯାହାକି ପର୍ଯ୍ୟାପ୍ତ ନୁହେଁ। ଏଣୁ ଏହା ବିରୋଧରେ ଦଳମତ ନିର୍ବିଶେଷରେ ସମସ୍ତ ଜନସାଧାରଣ ଏକାଠି ହୋଇ ଏକ ଜନଆନ୍ଦୋଳନ କରିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ବିଧାୟକ ମୁଣ୍ଡା ଓ ସିପିଆଇଏମ ଜିଲା ସମ୍ପାଦକ ସାମଲ କହିଛନ୍ତି। ଏହି ପରିପ୍ରେକ୍ଷୀରେ ତାଳଚେର ବିମଳାଗଡ ସଂଗ୍ରାମ ସମିତି ପକ୍ଷରୁ ୨୦୨୨ ମଧ୍ୟରେ ରେଳପଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଦାବି କରିବା ସହିତ ଚଳିତ ବଜେଟରେ ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବାକୁ ଥିବା ସମସ୍ତ ଟଙ୍କାକୁ ମଞ୍ଜୁରୀ କରି ଜରୁରୀ ଭିତ୍ତିରେ ରେଳ ଲାଇନ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ଦାବି କରିଥିଲେ। ସରକାର ଯଦି ଏହି ରେଳପଥ ନିର୍ମାଣ ଦିଗରେ କାଳକ୍ଷେପଣ ନୀତି ଗ୍ରହଣ କରନ୍ତି, ତେବେ ଆଗାମୀ ଦିନରେ ବାଧହୋଇ ସଂଗ୍ରାମ ସମିତି ଜନଗଣଙ୍କ ସ୍ୱାର୍ଥଦୃଷ୍ଟିରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅର୍ଥନୈତିକ ଅବରୋଧ ଭଳି ଚରମ ପଦକ୍ଷେପ ନେବାକୁ ପଛେଇବ ନାହିଁ ବୋଲି କହିଥିଲେ। କୃଷକ ବିରୋଧି ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବା, ଅହେତୁକ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ବନ୍ଦ କରିବା ସେମାନେ ଦାବି କରିଥିଲେ। ଏହି ରେଳରୋକୋ ଆନ୍ଦୋଳନରେ ଜିଲା ପରିଷଦ ସଦସ୍ୟ ଗୋପୀନାଥ ମାହାନ୍ତ, କୋଇଡା (କ) ଆଞ୍ଚଳିକ କମିଟି ସମ୍ପାଦକ ଆନନ୍ଦ ମାସି ହରୋ, ବିମଳାଗଡ ସରପଞ୍ଚ ଝିଙ୍ଗି ମୁଣ୍ଡା, ଚୋରଧାରା ସରପଞ୍ଚ ମିଖେଲ ମୁଣ୍ଡା, ଗୋପନା ସରପଞ୍ଚ ରାଜେନ୍ଦ୍ର ମୁଣ୍ଡା, କାଲଟା ସରପଞ୍ଚ ବିଭିଷଣ ଦେହୁରୀ, ସାନରକ୍ସି ସମିତି ସଭ୍ୟ ମନୋଜ ପୂର୍ତ୍ତି, ଶ୍ରମିକ ନେତା ସହଦେବ ନାଏକ, ଶୁଶିଳା ମୁଣ୍ଡା, ଓମନ୍ତ କୁମାର ମାହାନ୍ତ, ଶାନ୍ତି ନନ୍ଦ ଟିଗା, ନେଲସନ ମୁଣ୍ଡା ଉପସ୍ଥିତ ଥିଲେ।


ବିମଳାଗଡ଼ ରେଳଷ୍ଟେଶନଠାରେ ରେଳରୋକୋ ଆନ୍ଦୋଳନ କରାଯାଉଛି।

## ପାନପୋଷଠାରେ ରେଳରୋକୋ

**ସୁନ୍ଦରଗଡ଼, ୨୦।୨(ଡି.ଏନ.ଏ.)**

ଶନିବାର ତାଳଚେର –ବିମଳାଗଡ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ପାନପୋଷଠାରେ ପୂର୍ବାହ୍ନ ସାଢେ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ପ୍ରତୀକ ଅର୍ଥନୈତିକ ଅବରୋଧ କରାଯାଇ ମାଲବାହୀ ଟ୍ରେନ୍ ଅବରୋଧ କରାଯାଇଥିଲା । ଏଥିସହ ବିମଳାଗଡ, ରକ୍ସି, ବରସୁଆଁ, ପଛାସାହି, ଖମାର, ତାଳଚେର ଥର୍ମାଲ ସମେତ ତାଳଚେର –ବିମଳାଗଡ ରେଳପଥ ଦାବିରେ ବହୁସ୍ଥାନରେ ସଂଗ୍ରାମ ସମିତି ପକ୍ଷରୁ ରେଳରୋକୋ କରାଯାଇଥିଲା। ଆନ୍ଦୋଳନକୁ ସମର୍ଥନ ଜଣାଇ ବିଭିନ୍ନ ରାଜନୈତିକଦଳ, ଟ୍ରେଡ ୟୁନିୟନ, ଯୁବ ଛାତ୍ର ମହିଳା ତଥା ସାମାଜିକ ଓ ସାଂସ୍କୃତିକ ସଙ୍ଗଠନଗୁଡିକ ରେଳରୋକୋ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସଂଗ୍ରାମ ସମିତିର ଆବାହକ ଅଦ୍ୱୈତ ପ୍ରସାଦ ବିଶ୍ୱାଳ, ଷ୍ଟିୟରିଂ କମିଟି ସଭ୍ୟ ହରିହର ରାଉତରାୟ, ବିଷ୍ଣୁ ମହାନ୍ତି, ରମେଶ ବଳ, ପ୍ରଭାତ ମିଶ୍ରଙ୍କ ସମେତ କଂଗ୍ରେସ ନେତା ଜର୍ଜ ତିର୍କୀ, ବୀରେନ୍ ସେନାପତି, ପ୍ରଶାନ୍ତ ସେଠୀ, ଜ୍ଞାନେନ୍ଦ୍ର ଦାସ, କୈଳାସ ସାହୁ, ଆଇଏନଟିୟୁସି ନେତା ନିହାର ଦାଶ, ସିଆଇଟିୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲୀ, ବିମାନ ମାଇତି, ସିପିଆଇଏମ୍ ନେତା ଶ୍ରୀମନ୍ତ ବେହେରା ସାମିଲ ଥିଲେ।

## ସଂକ୍ଷେପରେ

### ଚୋରି ବଢୁଛି: ଅଞ୍ଚଳବାସୀ ଆତଙ୍କିତ




**ବାଲିଶଙ୍କରା, ୨୦।୨ (ଡି.ଏନ.ଏ):** ତଲସରା ଥାନା ଏବଂ କିଞ୍ଜିରକେଲା ଥାନା ଅଞ୍ଚଳରେ ଚୋରି ବଢୁଛି। ରାତି ସମୟରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ହେବା ସହିତ ବିଭିନ୍ନ ଦୋକାନ ତାଲା ଭାଙ୍ଗି ଆବାସପତ୍ର ଚୋରି ବଢ଼ିଚାଲିଛି । ଗ୍ରାମବାସୀଙ୍କ ସୂଚନା ଅନୁସାରେ ଗତ ବିଳମ୍ବିତ ରାତ୍ରରେ ବାଲିଶଙ୍କରା ଚାନ୍ଦନୀ ଛକଠାରେ ବସନ୍ତ ଗୁପ୍ତାଙ୍କ ଦୋକାନ ଗୃହର ସଟର ତାଲା ଭାଙ୍ଗି ୭୦ ହଜାର ଟଙ୍କା ଚୋରି କରି ନେଇ ଯାଇଥିବା ଜଣାପଡିଛି। ସେହିପରି କିଞ୍ଜିରକେଲା ଥାନା ଅନ୍ତର୍ଗତ ତିଲଡେଗା ଗ୍ରାମ ପଞ୍ଚାୟତ ସମ୍ମୁଖରେ ଥିବା ଅଶୋକ ଦାସଙ୍କ ମୋବାଇଲ ଦୋକାନର ସଟର ଭାଙ୍ଗି ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଜିନିଷ ଚୋରିକରି ନେଇ ଯାଇଥିବା ଜଣାପଡିଛି। ସେହିପରି ୧୫ ଦିନ ପୂର୍ବରୁ ବସଷ୍ଟାଣ୍ଡ ଏବଂ ସରବାହାଲଠାରୁ ଦୋକାନ ଭାଙ୍ଗି ଚୋରିକରି ନେଇ ଯାଇଥିଲେ ସୁଦ୍ଧା ପୋଲିସ ହାତ ଖାଲି। ଚୋରି ବଢୁଥିବାରୁ ଅଞ୍ଚଳରେ ଲୋକେ ଆତଙ୍କିତ ହୋଇ ରହୁଥିବାରୁ ଅଞ୍ଚଳରେ ରାତ୍ରିକାଳୀନ ପେଟ୍ରୋଲିଂ କରିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

# ରାଜଗାଙ୍ଗପୁର ଆଦର୍ଶ କ୍ରିକେଟ କ୍ଲବ ବିଜୟୀ


ବଡଗାଁ କପ୍ କ୍ରିକେଟ୍ ଉଦ୍‌ଘାଟନୀରେ ଖେଳାଳିଙ୍କ ସହ ଅତିଥି।

## ବଡଗାଁ କପ୍ କ୍ରିକେଟ ଉଦଘାଟିତ

**ବଡଗାଁ, ୨୦।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ସ୍ଥିତ ମିନି ଷ୍ଟାଡିୟମଠାରେ ଶନିବାର ଠାରୁ ବଡଗାଁ କପ୍ କ୍ରିକେଟ ଆରମ୍ଭ ହୋଇଛି । ଶନିବାର ପୂର୍ବାହ୍ନରେ ତହସିଲଦାର ବିନୟ କୁଲୁ ମୁଖ୍ୟଅତିଥି ଓ ସବଇନ୍ସପେକ୍ଟର ଡି. ନାଏକ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ରାଜଗାଙ୍ଗପୁର ଆଦର୍ଶ କ୍ରିକେଟ କ୍ଲବ ଓ ବଡଗାଁ ଓସିସି ଜୁନିୟର ମଧ୍ୟରେ ହୋଇଥିଲା। ଆଦର୍ଶ ନିର୍ଦ୍ଧାରିତ ୨୫ ଓଭରରେ ୩ ଉଇକେଟ ହରାଇ ୩୩୩ ରନ କରିଥିଲା ବେଳେ ବଡଗାଁ ଓସିସି ଜୁନିୟର ୧୧ ଓଭରରେ ଅଲଆଉଟ ହୋଇ ୩୩ ରନ କରିଥିଲେ। ଆସନ୍ତା ୨୮ ତାରିଖ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ । ଚାମ୍ପିୟନ ଟିମକୁ ୨୦ ହଜାର ଟଙ୍କା ସହିତ ଟ୍ରଫି, ରନର୍ସ ଟିମକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ନାରାୟଣ ମାଝୀ, ସମ୍ବିଦ ନାଏକ, ସତ୍ୟବ୍ରତ ଦାସ, ବିଷ୍ଣୁ ତ୍ରିପାଠୀ ଖେଳ ପରିଚାଳନା କରୁଛନ୍ତି।

## କୂଅରେ ପଡ଼ି ବୃଦ୍ଧ ମୃତ

**କୁଚିଣ୍ଡା, ୨୦।୨ (ଡି.ଏନ.ଏ.)**

କୁଚିଣ୍ଡା ଥାନା ଅନ୍ତର୍ଗତ ବକ୍ସମା ପଞ୍ଚାୟତ ଜମନକିରା (ବି)ର ନକୁଳ ଚରଣ ସେଠୀ (୬୩) ଶନିବାର କୌଣସି କାରଣରୁ ଘର କୂଅରେ ପଡିଯାଇଥିଲେ। ବାହାରକୁ ଯାଇଥିବା ପୁଅ ଘରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ବାପାଙ୍କୁ ପାଇ ନ ଥିଲେ। ପରେ କୂଅରେ ଭିତରେ ପଡିଥିବା ଦେଖି କୁଚିଣ୍ଡା ଦମକଳବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନକୁଳଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି।

## ଗାୟତ୍ରୀ ଶକ୍ତିପୀଠ ପ୍ରତିଷ୍ଠା ଦିବସ ପାଳିତ


ଗାୟତ୍ରୀ ଶକ୍ତି ପୀଠର ୨୩ତମ ପ୍ରତିଷ୍ଠା ଦିବସରେ ଉପସ୍ଥିତ ସଭ୍ୟାସଭ୍ୟ।

**ଦେବଗଡ଼,୨୦।୨(ଡି.ଏନ୍.ଏ.)**

ଦେବଗଡ଼ ପୌରାଞ୍ଚଳ ଭିତିରିଆ ସାହିଠାରେ ଗାୟତ୍ରୀ ଶକ୍ତି ପୀଠର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜପ ଓ ଧ୍ୟାନ ସମେତ ପଞ୍ଚକୁଣ୍ଡୀୟ ଗାୟତ୍ରୀ ସହାୟକ ୫ ଜଣ ଦମ୍ପତିଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ପରିବ୍ରାଜକ ନରେନ୍ଦ୍ର ପଣ୍ଡା ଓ ସଭ୍ୟା ସୁରଭି ନନ୍ଦ, ଲକ୍ଷ୍ମୀପ୍ରିୟା ନାଏକ ଦାସ ସଂଚାଳନ କରୁଥିବାବେଳେ ଡ଼ା. ଇଳାସିନୀ ଦ୍ୱିବେଦୀଙ୍କ ଦ୍ୱାରା ଯଜ୍ଞ ଚିକିତ୍ସା ଉପରେ ଏକ ନିର୍ବନ୍ଧ ଉପସ୍ଥାପନା କରିଥିଲେ। ଶାନ୍ତିକୁଞ୍ଜ ହରିଦ୍ୱାରଠାରେ ଗବେଷଣାର ସିଦ୍ଧାନ୍ତ ଅନୁସାରେ ଯଜ୍ଞ ମାଧ୍ୟମରେ ହବନ କରାଯାଇଥିବା ଔଷଧି ଦ୍ୱାରା ଅନେକ ପ୍ରକାରର ରୋଗ ଦୂର ହୋଇପାରିବ । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ସମେତ ଗାୟତ୍ରୀ ପୀଠର ସମସ୍ତ ସଭ୍ୟାସଭ୍ୟଉପସ୍ଥିତ ଥିଲେ।

## ଜଗନ୍ନାଥ ମନ୍ଦିର ଆଖପାଖ ଅଞ୍ଚଳରେ ସଫେଇ


ସଫେଇ କାର୍ଯ୍ୟକ୍ରମରେ ସାମିଲ କର୍ମକର୍ତ୍ତା।

**କୁତ୍ରା, ୨୦।୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ପାଳନ କରାଯାଇଛି। ଶନିବାର କୁତ୍ରା ଜଗନ୍ନାଥ ମନ୍ଦିର ଆଖପାଖ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ପରିବେଶକୁ ସଫାସୁତୁରା ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଦୃଢ଼ ସଂକଳ୍ପ କରି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ସଫେଇ କାର୍ଯ୍ୟକ୍ରମରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମକୁମାରୀ, ଛୋଟେ ଠାକୁର, ଶିକ୍ଷକ ହେମନ୍ତ ଦେ ଏବଂ ଅନେକ ଶିକ୍ଷିତ ମହିଳା ଓ ଯୁବକମାନେ ସାମିଲ ହୋଇଥିଲେ ।

# ମେଡିକାଲ କର୍ମଚାରୀଙ୍କ ସମସ୍ୟା ନେଇ ଆଲୋଚନା

**ସୁନ୍ଦରଗଡ଼, ୨୦।୨ (ଡି.ଏନ୍.ଏ)**

ଓଡ଼ିଶା ମେଡିକାଲ କର୍ମଚାରୀ ମହାସଂଘ ସୁନ୍ଦରଗଡ଼ ଜିଲା ଶାଖାର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ଉପଦେଷ୍ଟା ଆଡଭୋକେଟ ଶ୍ୟାମସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମହାସଂଘର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇଥିଲେ । ଏଥିରେ ସାରା ରାଜ୍ୟର ମେଡିକାଲ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ମହାସଂଘ ରାଜ୍ୟ ସଭାପତିଙ୍କ ସମେତ ଜିଲା କର୍ମକର୍ତ୍ତାମାନେ ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସରୋଜ କୁମାର ମିଶ୍ରଙ୍କୁ ଭେଟି କର୍ମଚାରୀମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଚାରୀମାନଙ୍କର ସ୍ଥାୟୀ ସଂଘ କାର୍ଯ୍ୟାଳୟ ତଥା କ୍ୟାଣ୍ଟିନ ପାଇଁ ଯଥାଶିଘ୍ର ସ୍ଥାନନିରୂପଣ ସକାଶେ ପ୍ରତିଶ୍ରୁତି ଦେଇଥିଲେ । ଠିକା ଶ୍ରମିକଙ୍କ ଠିକ ସମୟରେ ପାଉଣା ପ୍ରଦାନ, ଇପିଏଫ୍ ଓ ଅନ୍ୟାନ ସୁବିଧା ଉପରେ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାରେ ମହାସଂଘର ଦିଗାମ୍ବର ମହାନ୍ତି, ଦେବ ବାବୁ, ବାବୁଲି ପାଣିଗ୍ରାହୀ, ବାବୁଲି ଦାସ, ଜଗଦୀଶ ସାହୁ, ଶୁକ୍ରୁ ଓରାମ, କେ. ସରାଫ ପ୍ରମୁଖ ଉପସ୍ଥିତ ଥିଲେ ।


ବୈଠକରେ ମେଡିକାଲ କର୍ମଚାରୀ ମହାସଂଘ ସୁନ୍ଦରଗଡ଼ ଜିଲା ଶାଖାର କର୍ମକର୍ତ୍ତା।

## କେନ୍ଦ୍ରୀୟ ଯୋଜନାକୁ ନିଜର ବୋଲି କହି ବାହାବା ନେଉଛି ରାଜ୍ୟ : ବିଧାୟକ ଶଙ୍କର ଓରାମ

**କୁଆଁରମୁଣ୍ଡା,୨୦।୨(ଡି.ଏନ.ଏ.)**

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼ ଜିଲା ଗସ୍ତ କରି ୪୯୧୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି। ହେଲେ ଉକ୍ତ ଯୋଜନାଗୁଡିକ ମଧ୍ୟରେ ମହିଳା ଓ ଶିଶୁ ବିକାଶ ପାଇଁ ୧୩୫ କୋଟି, ପାନୀୟ ଜଳ ପ୍ରକଳ୍ପ ପାଇଁ ୧୬୧୧ କୋଟି ଇତ୍ୟାଦି ଅନ୍ତର୍ଭୁକ୍ତ । ମାତ୍ର ଉକ୍ତ ଯୋଜନାଗୁଡିକ କେନ୍ଦ୍ରୀୟ ଯୋଜନା ହୋଇଥିବା ବେଳେ ରାଜ୍ୟ ସରକାର ଏହାକୁ ନିଜ ଯୋଜନା ବୋଲି କହି କେବଳ ବାହାବାହା ନେଉଛନ୍ତି ବୋଲି ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏପରିକି ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିକୁ ସରକାରୀ ଦଳ ଚାପ ପକାଇ ମନୋମୁଖୀଭାବେ ଖର୍ଚ୍ଚ କରୁଛନ୍ତି। ସେ ଉକ୍ତ ଡିଏମ୍‌ଏଫ୍‌ର ଜଣେ ଟ୍ରଷ୍ଟି ହୋଇଥିବା ବେଳେ ତାଙ୍କୁ ନ ଜଣାଇ ମେଗା ପ୍ରକଳ୍ପଗୁଡିକରେ ବିନିଯୋଗ କରାଯାଉଛି ବୋଲି ବିଧାୟକ ଓରାମ କ୍ଷୋଭ ପ୍ରକାଶ କରିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ସରକାରୀ ଗସ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠିତ ମେଗା ପ୍ରକଳ୍ପର ଉଦ୍‌ଘାଟନ ସମୟରେ ସ୍ଥାନୀୟ ବିଧାୟକମାନଙ୍କୁ ସଭାକୁ ଡକା ନ ଯାଇ କେବଳ ବିଜେଡ଼ି ମନ୍ତ୍ରୀ ଓ ବିଧାୟକମାନଙ୍କୁ ଡକାଯାଇଥିବାକୁ ବିଧାୟକ ଓରାମ ଶାସନ କଳର ଅପବ୍ୟବହାର ବୋଲି ଅଭିହିତ କରିବା ସହ ଏ ନେଇ ସେ ଚଳିତ ବିଧାନସଭାରେ ସରକାରଙ୍କୁ ପ୍ରଶ୍ନ ପଚାରିବେ ବୋଲି କହିଛନ୍ତି ।

# ଯୁବକଙ୍କ ମୃତଦେହ ଜବତ

## କୂଅରେ ଭାସୁଥିବାବେଳେ ପୋଲିସ, ଅଗ୍ନିଶମ କର୍ମଚାରୀ ବାହାର କଲେ

**ସବ୍‌ଡେଗା, ୨୦।୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ ତଲସରା ଥାନା ଅନ୍ତର୍ଗତ ଯମୁନା ଗ୍ରାମର ବନମାଲି ପଟେଲଙ୍କ ବାରିପଟେ ଥିବା ଏକ ପରିତ୍ୟକ୍ତ କୂଅରୁ ଜଣେ ଯୁବକଙ୍କ ମୃତ ଦେହ ତଲସରା ପୋଲିସ ସହ ସବଡେଗା ଅଗ୍ନିଶମ ବିଭାଗ କର୍ମଚାରୀମାନେ ବାହାର କରିଛନ୍ତି। ପୋଲିସ ମୃତଦେହ ଜବତକରି ଘଟଣାର ତଦନ୍ତ କରୁଛନ୍ତି। ମୃତ ଯୁବକ ରାମପୁରର ସଂକୀର୍ତ୍ତନ ମାଝିଙ୍କ ପୁଅ ଶୁଭମ ବୋଲି ଜଣାଯାଇଛି। ଯୁବକ ଜଣକ ୧୬ ତାରିଖ ନିଜ ଗ୍ରାମ ରାମପୁରରୁ ଦୁଇ ଜଣ ସାଙ୍ଗ ସହ ଯମୁନା ଗ୍ରାମରେ ହେଉଥିବା ସରସ୍ୱତୀ ଯାତ୍ରା ଦେଖିବାକୁ ଆସିଥିଲେ । ପରେ ଦୁଇ ସାଙ୍ଗ ଘରକୁ ଫେରିଗଲେ ଓ ଶୁଭମ ନିଜ ସମ୍ପର୍କୀୟ ଘରେ ରହି ଯାଇଥିଲେ। କିନ୍ତୁ ଆଜିକୁ ଚାରି ଦିନ ଘରକୁ ଶୁଭମ ନ ଫେରିବାରୁ ତାଙ୍କ ବାପା ସମ୍ପର୍କୀୟମାନଙ୍କୁ ଫୋନ କରି ଖୋଜାଖୋଜି କରିବା ପରେ ତଲସରା ଥାନାରେ ଅଭିଯୋଗ କରିଥିଲେ। ଖୋଜାଖୋଜି ପରେ ଶୁଭମଙ୍କ ମୃତଶରୀର ସେହି ଗ୍ରାମର ଏକ କୂଆ ଭିତରେ ଦେଖିବାକୁ ମିଳିଥିଲା। ପରେ ଅଗ୍ନିଶମ ବିଭାଗ, ତଲସରା ପୋଲିସ ମୃତଦେହ ବାହାର କରି ସନ୍ଧ୍ୟା ୬ଟାରେ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ ଡାକ୍ତରଖାନାକୁ ପଠାଇଥିଲେ। ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ଘରଲୋକ ଅଭିଯୋଗ କରୁଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଫଟୋରେ ଖବର


ରାଉରକେଲା ରିଙ୍ଗରୋଡରେ ଶନିବାର ଜଣେ ଲାଇଟ୍ ବେଲୁନ ବିକ୍ରେତାଙ୍କ ଠାରୁ ଦୁଇଜଣ ଗ୍ରାହକ ବେଲୁନ କିଣୁଛନ୍ତି।


ରାଉରକେଲାର ଜଗଦାସ୍ଥିତ ଆରତି ସ୍ୱାଇଁଙ୍କ ଘରେ ସେଭିଙ୍ଗବ୍ରଶ ଫୁଲ ଫୁଟୁଛି।

## ମୋ ଚାଟଶାଳୀ ପାଠ କାର୍ଯ୍ୟକ୍ରମ

ଦେଓଗାଁ (ଡି.ଏନ.ଏ.): ବଲାଙ୍ଗୀର ସଦର ବ୍ଲକ ଫୁଲଝରନଠାରେ ଶନିବାର ଲୋକଉନ୍ନତି ସଂଗଠନ ଓ ଶ୍ରମଜୀବୀ ମହିଳା ମଞ୍ଚ ତରଫରୁ ମୋ ଚାଟଶାଳୀ ପାଠ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ପୁରନ୍ଦର ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ସାମାଜିକ କର୍ମୀ ଗୌର ରାଜପଲିଆ, ବ୍ଲକ ଅଧକ୍ଷ ଗୋଲାପ ବାଗ, ସତ୍ୟ ବନଛୋର, ମହିଳା ଶ୍ରମଜୀବୀ ମଞ୍ଚ ସଭାନେତ୍ରୀ ଶାନ୍ତି ଭୋଇ, ସଇଁତଲା ବ୍ଲକ ସଭାନେତ୍ରୀ ଶାନ୍ତରା ଭୋଇ, ବିର୍ଷା ବାହିନୀ ଅଧକ୍ଷ ଆଶିଷ ରାଜହଂସ ପ୍ରମୁଖ ଯୋଗଦେଇଥିଲେ। ଆର୍ଥିକ ଅନଟନ ମଧ୍ୟରେ ରହୁଥିବା ପିଲାଙ୍କୁ ଶିକ୍ଷାଦାନ କରିବାର ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିଥିଲେ।

## ସଂକ୍ଷେପରେ

### ପେଟ ବାହାରେ ପାକସ୍ଥଳୀ, ଆଖି ବୁଜିଲେ ଶିଶୁ

ବରଗଡ଼ ଅଫିସ୍,୨୦।୨: ବରଗଡ଼ ଜିଲା ପାଇକମାଲ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ପେଟ ବାହାରେ ପାକସ୍ଥଳୀ ଥିବା ଅବସ୍ଥାରେ ଜନ୍ମ ନେଇଥିବା ନବଜାତ ଶିଶୁପୁତ୍ରଙ୍କ ଶନିବାର କଟକ ଶିଶୁଭବନରେ ମୃତ୍ୟୁ ହୋଇଛି। ମୃତ ଶିଶୁକୁ ଧରି ପରିବାର ଲୋକେ ଘରକୁ ଫେରିଛନ୍ତି। ପ୍ରକାଶଥାଉକି, ପାଇକମାଲ ବ୍ଲକ ଅନ୍ତର୍ଗତ କାଂସଡ଼ା ପଞ୍ଚାୟତ ଚୁହୁରିପଡ଼ାର ଜଣେ ମହିଳା ଏହି ଶିଶୁକୁ ଜନ୍ମ ଦେଇଥିଲେ। ଜନ୍ମ ପରେ ଶିଶୁର ପାକସ୍ଥଳୀ ପେଟ ବାହାରେ ରହିଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭିମ୍ସାରରୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଥିଲା।

### ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର

ପାଇକମାଲ,୨୦।୨(ଡି.ଏନ.ଏ): ପାଇକମାଲର ୧୮୯/ସିଆରପିଏଫ ପକ୍ଷରୁ ଏକ ଜନସମ୍ପର୍କ ଶିବିର ସ୍ଥାନୀୟ ସ୍କୁଲ ପଡିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୋରିୟା ମୁଖ୍ୟଅତିଥି, ଡେପୁଟି କମାଣ୍ଡାଣ୍ଟ ବିନୋଦ ଟଣ୍ଡନ, ଦେବାଶିଷ ସାହୁ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁରେଶ କୁମାର, ସରପଞ୍ଚ ଧବଳେଶ୍ୱର ସାହୁ, ସହଦେବ ଧରୁଆ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପାଇକମାଲ ଓ ମିଠାପାଲି ପଞ୍ଚାୟତର ୫୪ଜଣ ଅସହାୟଙ୍କୁ ସୋଲାର ଲାଇଟ ଓ ପାଣି ଟାଙ୍କି ପ୍ରଦାନ କରାଯାଇଥିଲା।

### ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି

ଜାମଟିକ୍ରା, ୨୦।୨ (ଡି.ଏନ.ଏ): ଆସନ୍ତା ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଅତାବିରା ବ୍ଲକ କୁଲୁଣ୍ଡା, ପଲସାପାଲି ଓ ଜାମଟିକ୍ରାର ଏକ ତ୍ରିକୋଣ ଭୂମିରେ ୩ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଛି। ଏଥିପାଇଁ ପୂର୍ବତନ ସରପଞ୍ଚ କୁଳମଣି ପଧାନଙ୍କ ସଭାପତିତ୍ୱରେ ପଲସାପାଲି, ବାଞ୍ଜିପାଲି ଓ କୁଲୁଣ୍ଡା ଗ୍ରାମର ଲୋକଙ୍କୁ ନେଇ ମନ୍ଦିର ପ୍ରତିଷ୍ଠା କମିଟିର ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ତିନି ଦେବୀ ହିର୍ଲିପାଲିଏନ, ଗ୍ରାମପତି ଓ ନନ୍ଦେଇ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ସୂଚାରୁ ଭାବେ ପରିଚାଳନା ପାଇଁ କମିଟି ଗଠନ କରାଯାଇଛି। ସଭାରେ ରାଜେଶ ପଧାନ, ପ୍ରମୋଦ ରଥ, ଅର୍ଜୁନ ଭୋଇ, ଯୁବରାଜ ପଧାନ, ଘାସିରାମ ଭୁଏ ଉପସ୍ଥିତ ଥିଲେ।

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ଗୁରୁତର

କୋକସରା, ୨୦।୨ (ଡି.ଏନ.ଏ): କଳାହାଣ୍ଡି ଜିଲା କୋକସରା ଥାନା ୨୬ ନଂ ଜାତୀୟ ରାଜପଥର କୋକସରା ଡାକ୍ତରଖାନା ଛକ ନିକଟରେ ଶନିବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ହେଲେ କୋକସରା ବ୍ଲକ ଚିଲଡଙ୍ଗରୀ ଗ୍ରାମର ବୀରେନ୍ଦ୍ର ନାଏକ (୪୦)। ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆହତ ଅନ୍ୟ ବାଇକ ଆରୋହୀ ହେଲେ ଜୟପାଟଣା ବ୍ଲକ ଘଣ୍ଟିଗୁଡାର ଲିଙ୍ଗରାଜ ରାଉତ (୨୨)। ସକାଳେ ବୀରେନ୍ଦ୍ର ନିଜ ଗାଁରୁ ଏକ ବାଇକ (ନଂ ଓଡି୦୮/ଇ-୦୦୬୬) ଯୋଗେ ନବରଙ୍ଗପୁରକୁ ଯାଉଥିଲେ। ସେ କୋକସରା ଡାକ୍ତରଖାନା ନିକଟରେ ଏକ ହାଇୱାକୁ ଓଭର ଟେକ୍ କରୁଥିବା ସମୟରେ ସାମ୍ନା ପଟୁ ଆସୁଥିବା ଘଣ୍ଟିଗୁଡା ଗ୍ରାମର ଲିଙ୍ଗରାଜଙ୍କ ବାଇକ (ନଂ. ଓଡି୦୩/ଜେ-୮୮୩୮) ସହ ମୁହାଁମୁହିଁ ଧକ୍କା ହୋଇଥିଲା।

### କ୍ରିକେଟ: ଗତାବନ୍ଧ ଚାମ୍ପିୟନ

କୋକସରା, ୨୦।୨ (ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଫୁପଗାଁ ପଞ୍ଚାୟତ ଚିଲଡଙ୍ଗରୀ ଖେଳ ପଡିଆରେ ଚାଲିଥିବା କାହ୍ନା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଲଡୁଗାଁ ଓ ଗତାବନ୍ଧ ମଧ୍ୟରେ ହୋଇଥିଲା। ଲଡୁଗାଁ ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ସମସ୍ତ ଉଇକେଟ ହରାଇ ୮୭ରନ କରିଥିଲା। ଜବାବରେ ଗତାବନ୍ଧ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ସଭାରେ ଅତିଥିଭାବେ ସାମାଜିକ କର୍ମୀ ବିନୋଦ ନାଏକ, ବିଦ୍ୟାଧର ଶବର, ଗୌରଚନ୍ଦ୍ର ଶବର, ନୀଳମଣୀ ପୂଝାରି, ବିନୋଦ ବିହାରୀ କର, ମଞ୍ଚ ସଭାପତି ଗଜାନନ ଚଣ୍ଡି ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ।

# ଦୁଇ ସନ୍ତାନ ଆଇନ ବାଧ୍ୟତାମୂଳକ କରାଯାଉ

ସୁନ୍ଦରଗଡ଼, ୨୦।୨(ଡି.ଏନ.ଏ)



ଖବରଦାତା ସମ୍ମିଳନୀରେ ଜନସଂଖ୍ୟା ସମାଧାନ ଫାଉଣ୍ଡେସନର କର୍ମକର୍ତ୍ତା।

**ଅସନ୍ତୁଳିତ ଜନସଂଖ୍ୟା ଭାରତର ହିନ୍ଦୁ ସଭ୍ୟତାକୁ ବିଲୋପ କରିଦେବ: ବିପିନ ଦାସ**

ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ତରଫରୁ ସ୍ଥାନୀୟ ଏକ ହୋଟେଲଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ବିପିନ ବିହାରୀ ଦାସ ଯୋଗଦେଇ କହିଥିଲେ ଯେ ଜନସଂଖ୍ୟା ବିସ୍ଫୋରଣ ଯୋଗୁ ଆଜି ଭାରତରେ ବେକାରୀ, ଗରିବୀ, କୁପୋଷଣ, ଅନାହାର ବୃଦ୍ଧି ପାଇଛି। ସମଗ୍ର ପୃଥିବୀରେ ରହୁଥିବା ଲୋକ ସଂଖ୍ୟାର ୧୮%ଲୋକ ଭାରତରେ ରହିଛନ୍ତି। ଜନସଂଖ୍ୟା ବିସ୍ଫୋରଣରୁ ରକ୍ଷା ପାଇବାକୁ ହେଲେ ଜାତି ଧର୍ମ,ଭାଷା ଓ ଆଞ୍ଚଳିକତାରୁ ଊର୍ଦ୍ଧ୍ୱକୁ ଉଠି ସବୁ ନାଗରିକଙ୍କ ପାଇଁ ଦୁଇଟି ସନ୍ତାନ ଜନ୍ମ ଦେବା ଆଇନ ବାଧ୍ୟତାମୂଳକ କରିବାକୁ ପଡ଼ିବ। ଏଥିପାଇଁ ବ୍ୟାପକ ଜନସଚେତନା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଗ୍ରହ ରହିବା ଜରୁରୀ। ଉଭୟ ସରକାରଙ୍କୁ କଠୋର ଜନସଂଖ୍ୟା ନିୟନ୍ତ୍ରଣ ଆଇନ ସଂସଦ ଓ ବିଧାନସଭାରେ ପାରିତ କରିବା ପାଇଁ ଚାପ ସୃଷ୍ଟି କରିବାକୁ ହେଲେ ଦେଶର ୧୩୮କୋଟି ଲୋକ ଜାତି, ଧର୍ମ ଓ ଦଳଗତ ନିର୍ବିଶେଷରେ ବ୍ୟାପକ ଜନଆନ୍ଦୋଳନ କରିବାର ଅଛି। ଜନ ବିସ୍ଫୋରଣ ହେଲେ ଆଗାମୀଦିନରେ ଭାରତରେ କୃଷିକ୍ଷେତ୍ର, ଶିଳ୍ପାୟନ, ଗୃହନିର୍ମାଣ, ମୁକ୍ତ ବାୟୁ, ପାନୀୟ ଜଳର ବ୍ୟାପକ ଅଭାବ ଦେଖାଦେବ। ବେକାରୀ ସମସ୍ୟା ଏତେ ବଢିଯିବ ଯେ ଯେକୌଣସି ସରକାର ପରିସ୍ଥିତିକୁ ଆୟତ୍ତ କରିପାରିବ ନାହିଁ। ବର୍ତ୍ତମାନ କିଛି ଭାରତୀୟ ସର୍ବପୁରାତନ ସନାତନ ଧର୍ମକୁ ସମ୍ପୂର୍ଣ୍ଣ ବିଲୋପ କରିବାକୁ ଏକ ନୀରବ ଏବଂ ସୁଚିନ୍ତିତ ଷଡ଼ଯନ୍ତ୍ର କରିଛନ୍ତି। ଭାରତର ସଂସ୍କୃତି, ସଭ୍ୟତା ଓ ଅଖଣ୍ଡତା ଓ ଭବିଷ୍ୟତ ବଂଶଧର ମାନଙ୍କ ସୁରକ୍ଷା କରିବା ପାଇଁ ସମଗ୍ର ଦେଶବାସୀ ସ୍ୱତଃପ୍ରବୃତ୍ତ ଭାବେ ଆଗେଇ ଆସି ଜନସଂଖ୍ୟା ନିୟନ୍ତ୍ରଣ ଆନ୍ଦୋଳନରେ ସାମିଲ ହେବାକୁ ସଭାପତି ଦାସ ଆହ୍ୱାନ ଦେଇଥିଲେ। ଏଥିସହ ଅତୀତରେ ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ଓଡ଼ିଶା ପ୍ରଦେଶ ତରଫରୁ ସଂସଦରେ ଦୁଇସନ୍ତାନ ବାଧ୍ୟତାମୂଳକ କରିବାକୁ ଆଇନ ଆଣିବା ପାଇଁ ବହୁବାର ତିରିଶ ଜିଲାର ଜିଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ସମେତ ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିବା କଥା ପ୍ରକାଶ କରିଥିଲେ। ଓଡ଼ିଶାରେ ସଙ୍ଗଠନକୁ ଶକ୍ତିଶାଳୀ, ମଜବୁତ ଓ କ୍ରିୟାଶୀଳ କରିବା ପାଇଁ ସାପ୍ତାହିକ ବୈଠକ ମାନ କରାଯାଉଛି। ଆଗାମୀ ଦିନରେ ପଞ୍ଚାୟତ ସ୍ତରରେ ସଙ୍ଗଠନକୁ ଦୃଢ଼ କରାଯିବ ଏବଂ ଆଗାମୀ ଚବିଶ ତାରିଖ ଦିନ ରାଜ୍ୟର ତିରିଶ ଜିଲାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ଦାସ ପ୍ରକାଶ କରିଥିଲେ। ଜିଲା ସଭାପତି ଏଡଭୋକେଟ ପ୍ରଦୀପ ମହାନ୍ତି ବୈଠକରେ ସଭାପତିତ୍ୱ କରିଥିଲେ। ରାଜ୍ୟ ଉପସଭାପତି ଗୋବିନ୍ଦ ଅଗ୍ରୱାଲ ଜିଲାର ଗ୍ରାମାଞ୍ଚଳରେ ସଙ୍ଗଠନକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ ଓ ଆସନ୍ତା ୨୬ରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବିଷୟରେ ସୂଚନା ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତୀୟ ସହ ସଙ୍ଗଠକ ଡା. ବିଦ୍ୟାଧର ଜେନା, ନଗର ସମ୍ପର୍କ ପ୍ରମୁଖ ଡା ନାରାୟଣ ପଟେଲ, ପ୍ରଫେସର ରତ୍ନାକର ବେହେରା ସଙ୍ଗଠନର କ୍ଷେତ୍ରୀୟ ସାଧାରଣ ସମ୍ପାଦକ ସୁରେନ୍ଦ୍ର ସୱର୍ଣ୍ଣକାର, ଜନାର୍ଦ୍ଦନ ପାଣିଗ୍ରାହୀ, ଧ୍ରୁବ କାଲୋ, ସୁରେଶ ଭୋଇସଲ, ସନୁ ଦାସ, ବାଏଜୁ ସିଂ, ସୱରୂପ ପାତ୍ର, ବିଶାଳ ପଟେଲ ପ୍ରମୁଖ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ଗିରଫ

ରେଢାଖୋଲ,୨୦।୨(ଡି.ଏନ.ଏ.)

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଚାରମାଲ ଥାନା ପୋଲିସ ସ୍ୱାମୀ ମୁଷାକଟା ଗ୍ରାମର ମଧୁସୂଦନ ହାତୀଙ୍କୁ ଗିରଫ କରିଛି। ସ୍ତ୍ରୀ କର୍ଣ୍ଣାଟକ ରାଜ୍ୟ ଗୁଲବର୍ଗ ଜିଲାର ଲକ୍ଷ୍ମୀରେଖାଙ୍କ ଅଭିଯୋଗ କ୍ରମେ ପୋଲିସ ଦଫା ୪୯୮, ୨୯୪, ୩୫୪, ୫୦୬, ୩୦୭ରେ ମାମଲା (ନଂ.୨୨/୨୧) ରୁଜୁକରି ମଧୁସୂଦନଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ମଧୁସୂଦନ ମହାରାଷ୍ଟ୍ର ରାଜ୍ୟର କୋହ୍ଲାପୁର ଜିଲା ଜୟସିଂପୁର ଥାନା ଅଧୀନ ଅରବିନ୍ଦ କଟନ୍ ମିଲ୍‌ରେ କାର୍ଯ୍ୟ କରୁଥିଲେ। ସେହି ମିଲରେ ଲକ୍ଷ୍ମୀରେଖା କାମ କରୁଥିବାରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ସେମାନେ ୨୦୧୪ ମସିହାରେ ବିବାହ କରିଥିଲେ। ତାଙ୍କର ଏକ ୫ବର୍ଷର ପୁଅ ମଧ୍ୟ ଅଛି। ତେବେ କରୋନା ଯୋଗୁ ମିଲ୍ ବନ୍ଦ ହେବାରୁ ସ୍ତ୍ରୀ ଓ ପୁଅକୁ ଛାଡି ମଧୁସୂଦନ ଗାଁକୁ ଆସିଥିଲେ। ପରେ ନ ଫେରିବାରୁ ଲକ୍ଷ୍ମୀରେଖା ୩ମାସ ତଳେ ମଧୁସୂଦନଙ୍କ ଗାଁକୁ ଆସିଥିଲେ। ଗାଁରେ ମଧୁସୂଦନ ଲକ୍ଷ୍ମୀଙ୍କୁ ମାରପିଟ କରି ଫେରିଯିବାକୁ କହିଥିଲେ। ଲକ୍ଷ୍ମୀ ଗ୍ରାମରେ ମିଟିଂ କରି ସମାଧାନ କରିବାକୁ ଉଦ୍ୟମ କରିବା ସହିତ ପୋଲିସରେ ଅଭିଯୋଗ କରିଥିଲେ। ତଦନ୍ତ ପରେ ପୋଲିସ ମଧୁସୂଦନଙ୍କୁ ଗିରଫ ସହ ଲକ୍ଷ୍ମୀ ଓ ପୁଅକୁ ଜୁଜୁମୁରା ଥାନା ଲିପିଣ୍ଡା ଗ୍ରାମସ୍ଥିତ ସୁଧାର ଗୃହରେ ଛାଡିଦେଇଥିବା ଥାନା ଅଧିକାରୀ ବସନ୍ତ କୁମାର ଦଳାଇ କହିଛନ୍ତି।

# ସୁନ୍ଦରଗଡ଼ ଜିଲା କଂଗ୍ରେସର ବିଭିନ୍ନ ବ୍ଲକ ସଭାପତିଙ୍କ ନାମ ଘୋଷଣା

ସୁନ୍ଦରଗଡ, ୨୦।୨ (ଡି.ଏନ୍.ଏ)

ପ୍ରଦେଶ କଂଗ୍ରେସ କମିଟିର ଅନୁମୋଦନକ୍ରମେ ସୁନ୍ଦରଗଡ ଜିଲା କଂଗ୍ରେସ କମିଟିର ବିଭିନ୍ନ ବ୍ଲକ ସଭାପତିଙ୍କ ନାମ ଘୋଷିତ ହୋଇଛି। ପୁରୁଷୋତ୍ତମ ପ୍ରଧାନ ହେମଗିର, ଶୁକଦେବ ବଡାଇ ଟାଙ୍ଗରପାଲି, ଦୀନବନ୍ଧୁ ନାଏକ ସୁନ୍ଦରଗଡ, ଶୁଭେନ୍ଦୁ ନାଏକ ସବଡେଗା, ଚିନ୍ତାମଣି ସାହୁ ବଡଗାଁ, ସନ୍ତୋଷ କୁମାର ବେହେରା କୁତ୍ରା, ଇଫତିକର ଅହମ୍ମଦ ରାଜଗାଙ୍ଗପୁର ପୌରାଞ୍ଚଳ, ସୁଲେମାନ କାଉଡିଆ ନୂଆଗାଁ, ଜୟଶଙ୍କର ନନ୍ଦ କୁଆଁରମୁଣ୍ଡା, ସାଜିଦ ଅହମ୍ମଦ- ବୀରମିତ୍ରପୁର ପୌରାଞ୍ଚଳ, ରାଜକିଶୋର ପାତ୍ର କୋଇଡା, ରୁଦ୍ର ନାରାୟଣ ସାହୁ ବଣାଇଁ, ତ୍ରିନାଶ କିଶାନ୍ ଗୁରୁଣ୍ଡିଆ, ଡମନିକ ମିଞ୍ଜ ରାଜଗାଙ୍ଗପୁର, ଚମରୁ ତିର୍କୀ ଲାଠିକଟା, ସୁଧାଂଶୁ ପଶାୟତ ବାଲିଶଙ୍କରା, ରେବତୀ ମହାନ୍ତ ଲହୁଣୀପଡା, ରଘୁନାଥ ଅମାତ ଲେଫ୍ରିପଡା, ନେପାଳ ଚନ୍ଦ୍ର ସାହୁ ସୁନ୍ଦରଗଡ ପୌରାଞ୍ଚଳ, ସୁଜିତ ଲାକ୍ରା ବିଶ୍ରା, ଆଲୋଇସ୍ ଟେଟେ ରାଉରକେଲା ଫର୍ଟିଲାଇଜର ଟାଉନସିପ୍‌ର ସଭାପତି ଭାବେ ନିଯୁକ୍ତ ହୋଇଥିବା ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ ସୂଚନା ଦେଇଛନ୍ତି।

# ୨୪ ପର୍ଯ୍ୟନ୍ତ ଚାଷୀଙ୍କ ମହଲତ



ଗୁଣ୍ଡୁରୁପଡାରେ ଚାଷୀଙ୍କ ବୈଠକ।

ସମ୍ବଲପୁର,୨୦।୨(ବ୍ୟୁରୋ)

**ଫ୍ଲୋରାଇଡ୍ ଗ୍ୟାସ ଯୋଗୁ ଫସଲ ନଷ୍ଟ ଘଟଣା**

ସମ୍ବଲପୁର ଜିଲାର ହୀରାକୁଦ ହିଣ୍ଡାଲକୋ କମ୍ପାନୀରୁ ନିର୍ଗତ ଫ୍ଲୋରାଇଡ୍ ଗ୍ୟାସରେ ଧାନ ଫସଲ ନଷ୍ଟ ହୋଇଥିଲା। ଏପର୍ଯ୍ୟନ୍ତ ପ୍ରଭାବିତ ଚାଷୀମାନଙ୍କୁ କ୍ଷତିପୂରଣ ଦିଆଯାଇନାହିଁ। ଫେବୃୟାରୀ ୨୪ ତାରିଖ ସୁଦ୍ଧା କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ କରାଯିବ। ସମ୍ବଲପୁର ମହାନଗର ନିଗମର ଗୁଣ୍ଡୁରୁପଡାଠାରେ ପ୍ରଭାବିତ ଚାଷୀମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ସେମାନେ ଅଭିଯୋଗ କରିଛନ୍ତିଯେ,୨୦୨୦ ଅଗଷ୍ଟ ମାସରୁ ଫସଲ ନଷ୍ଟ ହୋଇଛି। କୃଷି ବିଶେଷଜ୍ଞ, ରାଜସ୍ୱ ବିଭାଗ, କମ୍ପାନୀ କର୍ତ୍ତୃପକ୍ଷ ଚାଷୀମାନଙ୍କୁ ନେଇ କ୍ଷୟକ୍ଷତି ଆକଳନ କରାଯାଇଥିଲା। ୧୦୪ ଜଣ ଚାଷୀଙ୍କ ଫସଲ ନଷ୍ଟ ହୋଇଥିବା ରିପୋର୍ଟ କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ଦିଆଗଲା ନାହିଁ। ତହସିଲ ଅଫିସ, ଜିଲାପାଳଙ୍କ ଅଫିସରେ ଏ ନେଇ ବହୁବାର ଅଭିଯୋଗ କରାଯାଇଛି। ହେଲେ ସୁଫଳ ମିଳିନାହିଁ। ଶୀଘ୍ର କ୍ଷତିପୂରଣ ଦିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ। ବୈଠକରେ ଏତୁଆ ଖଡିଆ, ଭୈରବ ପ୍ରଧାନ, ବିଶ୍ୱ ପ୍ରଧାନ, ସଦାନନ୍ଦ ଭୋଇ, ଲବ ପ୍ରଧାନ, ଭୀକାରି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟରେ ନିଯୁକ୍ତି ଶିବିର

ସମ୍ବଲପୁର, ୨୦।୨ (ବ୍ୟୁରୋ)

ସମ୍ବଲପୁର ଜିଲା ଦେବେଇପାଲିସ୍ଥିତ ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ପରିସରରେ ମେଗା ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି। ଟାଫେ ଟ୍ରାକ୍ଟର କମ୍ପାନୀରେ ଇନ୍‌ଷ୍ଟିଚ୍ୟୁଟର ୧୧ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇ ନିଯୁକ୍ତି ଦିଆଯାଇଛି। ବଦ୍ରିପ୍ରସାଦ ସମୂହ ଶିକ୍ଷାନୁଷ୍ଠାନ ଅଧକ୍ଷ ଜୟପ୍ରକାଶ ଅଗ୍ରୱାଲ, ସମ୍ପାଦକ ସଞ୍ଜୀବ ଅଗ୍ରୱାଲ ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନିଯୁକ୍ତି ଅଧିକାରୀ ଡ. ରାଜଶେଖର ସିହ୍ନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିସହ ଶିକ୍ଷାନୁଷ୍ଠାନରେ ୨୦୨୦-୨୩ ଡିପ୍ଲୋମା ଇଞ୍ଜିନିୟରିଂରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା।

## ସ୍ୱାଧୀନତା ସଂଗ୍ରାମୀଙ୍କ ବିୟୋଗରେ ଜିଲା ବିଜେଡିର ଶୋକ

ସମ୍ବଲପୁର, ୨୦।୨ (ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ ଦେବାନନ୍ଦ ଗୁପ୍ତାଙ୍କ ବିୟୋଗରେ ସମ୍ବଲପୁର ଜିଲା ବିଜେଡି ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଶନିବାର ଜିଲା ସଭାପତି ସିଦ୍ଧାର୍ଥ ଦାସ ପ୍ରେସ ବିବୃତିରେ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ୧୬ ବର୍ଷ ବୟସରୁ ଦେବାନନ୍ଦ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ୧୯୪୨ ମସିହା ଭାରତ ଛାଡ ଆନ୍ଦୋଳନରେ ଯୋଗଦେଇ ଗିରଫ ହୋଇ ସଶ୍ରମ କାରାବରଣ କରିଥିଲେ। ଏଥିସହ ସେ ଅର୍ଥ ଦଣ୍ଡରେ ମଧ ଦଣ୍ଡିତ ହୋଇଥିଲେ। ଗାନ୍ଧୀବାଦୀ ଦେବାନନ୍ଦ ଚିର ସ୍ମରଣୀୟ ହୋଇ ରହିବେ ବୋଲି ସିଦ୍ଧାର୍ଥ କହିଛନ୍ତି।

# ମୁଦିପଡ଼ା ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସଯାତ୍ରା



ମନ୍ଦିର ପ୍ରତିଷ୍ଠା ସକାଶେ ଆୟୋଜିତ କଳସ ଯାତ୍ରା।

ସମ୍ବଲପୁର, ୨୦।୨ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମୁଦିପଡା ମଙ୍ଗଳା ମନ୍ଦିର ପ୍ରତିଷ୍ଠା ସକାଶେ ଶନିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୫ଟାରେ ମହାନଦୀ ବାଲିବନ୍ଧା ଘାଟରେ ପଣ୍ଡିତ ଘନଶ୍ୟାମ ଦାଶ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ପ୍ରଭାତି ମହାପାତ୍ର ଓ ବରୁଣ ମହାପାତ୍ର କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ମହିଳାମାନେ ୧୦୧ ପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କଳସ ଯାତ୍ରା ବାଲିବନ୍ଧା, କୁଞ୍ଜେଲପଡା ଛକ, ମୁଦିପଡା ଛକ, ପାଣିଟାଙ୍କି ଛକ ପରିକ୍ରମା କରି ମନ୍ଦିର ପ୍ରତିଷ୍ଠା ସ୍ଥଳରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଅଞ୍ଚଳର କିନ୍ନରମାନେ ମଧ ସାମିଲ ହୋଇଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନାକଟିଦେଉଳ,୨୦।୨(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତର ହିତସରା ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଗଙ୍ଗାଧର ନନ୍ଦଙ୍କୁ ଶୁକ୍ରବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ କୁଞ୍ଜାମୁରା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ମୁରଲୀଧର ଦାଶ ସଭାପତିତ୍ୱ କରିଥିଲେ। ଏବିଇଓ ତ୍ରିନାଥ ଧଳ ମୁଖ୍ୟଅତିଥି, ସମ୍ବଲପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାଜକିଶୋର ସାହୁ,ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ, ସମନ୍ୱୟ କମିଟି ସଭାପତି ଗୁରୁଚରଣ ବିଶ୍ୱାଳ, ବାଟଗାଁ ସିଆରସିସି ହରିଶ୍ଚନ୍ଦ୍ର ଦେହୁରି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ନନ୍ଦଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଚନ୍ଦ୍ରଭାନୁ ନାୟକ ଧନ୍ୟବାଦ ଦେଇଥିଲେ।

## ବୃଦ୍ଧଙ୍କ ମୃତଦେହ ସଂସ୍କାର କରାଇଲେ ସରପଞ୍ଚ

ଖପ୍ରାଖୋଲ, ୨୦।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତ ଅନ୍ତର୍ଗତ ବାହାଲଭଟଲି ଗାଁର ଅସହାୟ ବୃଦ୍ଧ ବାବୁଲାଲ ପୁଟେଲ(୬୫)ଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଥିଲା। ସେ ଅନ୍ୟ ଜାତିର ବିବାହ କରିଥିବାରୁ ତାଙ୍କୁ କାନ୍ଧ ଦେବାକୁ କେହି ଆସି ନ ଥିଲେ। ଦୀର୍ଘ ସମୟ ଧରି ଘରେ ମୃତଦେହ ପଡି ରହିଥିଲା। ଘରେ ଥିବା ବୃଦ୍ଧା ସ୍ତ୍ରୀ , ବିଧବା ଝିଅ ଏବଂ ନାବାଳିକା ନାତୁଣୀ କିପରି ସଂସ୍କାର କରାଇବେ ବୁଦ୍ଧି ବାଟ ପାଇ ନ ଥିଲେ। ଖବର ପାଇ ଶନିବାର ସକାଳେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ସୁନା ଏବଂ ତାଙ୍କ ସ୍ୱାମୀ ଲଳିତ ସୁନା ବାହାଲଭଟଲି ଗାଁର ପହଞ୍ଚିଥିଲେ। ଝିଅ ଏବ ନାତୁଣୀଙ୍କ ସହ ଶବକୁ କାନ୍ଧେଇ ସଂସ୍କାର ପାଇଁ ନିଜ ଜମିକୁ ନେଇଥିଲେ। ସେଠାରେ ସରପଞ୍ଚ ସୁନା ନିଜେ ଗାତ ଖୋଲି ସଂସ୍କାର କରାଇଥିଲେ। ସରପଞ୍ଚଙ୍କ ଏହି କାମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।



ବୃଦ୍ଧଙ୍କ ମୃତଦେହକୁ ସଂସ୍କାର ପାଇଁ ନିଆଯାଉଛି।

# ସମ୍ବଲପୁରରେ ସିଟିକାର୍ଟ ଉଦ୍‌ଘାଟିତ

ସମ୍ବଲପୁର, ୨୦।୨ (ବ୍ୟୁରୋ)



ବୁଢ଼ାରଜାଠାରେ ଅତିଥିମାନେ ସିଟିକାର୍ଟ ଉଦ୍‌ଘାଟନ କରୁଛନ୍ତି।

ଫାମିଲି ଫ୍ୟାଶନ ଷ୍ଟୋର ସିଟିକାର୍ଟ ସମ୍ବଲପୁର ବୁଢ଼ାରଜାଠାରେ ଶନିବାର ଉଦ୍‌ଘାଟିତ ହୋଇଛି। ଦିଲୀପ କୁମାର ଅଗ୍ରୱାଲ ଓ କୁସୁମଦେବୀ ଅଗ୍ରୱାଲ ଅତିଥି ଭାବେ ଯୋଗଦେଇ ଷ୍ଟୋରର ଶୁଭାରମ୍ଭ କରିଥିଲେ। କୁମୁଦ ଅଗ୍ରୱାଲ, ନାଟୁ ଅଗ୍ରୱାଲ, ସୁଶିଲା ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଞ୍ଚଳିକ ପରିଚାଳକ ସୁକୁମାର ସୁମନ ସୂଚନା ଦେଇ କହିଥିଲେ, ସମ୍ବଲପୁର ସହର ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ପ୍ରଥମ ଫ୍ୟାଶନ ଷ୍ଟୋର ସିଟିକାର୍ଟ ପରିକଳ୍ପନା କରାଯାଇଛି। ଝାରସୁଗୁଡ଼ାଠାରେ ରାଜ୍ୟର ଦ୍ୱିତୀୟ ଷ୍ଟୋର ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଦେଶରେ ୫୭ ଷ୍ଟୋର ରହିଛି। ଏହି ଷ୍ଟୋରରେ ପୁରୁଷ, ମହିଳା, ଶିଶୁମାନଙ୍କ ସକାଶେ ଆକର୍ଷଣୀୟ ପୋଷାକ ସୁଲଭ ମୂଲ୍ୟରେ ଉପଲବ୍ଧ ରହିଛି। ଏଥିସହ ଘରକରଣା ସାମଗ୍ରୀ ରହିଛି। ଷ୍ଟୋର ମ୍ୟାନେଜର ଅଭିଜିତ ମୁସିବ୍ କହିଥିଲେ, ସିଟିକାର୍ଟ ଗ୍ରାହକମାନଙ୍କ ରୁଚି ମୁତାବକ ସାମଗ୍ରୀ ରଖିଥାଏ। ଉଦ୍‌ଘାଟନୀ ଅବସରରେ ସ୍ୱତନ୍ତ୍ର ରିହାତି ରହିଥିବାରୁ ଗ୍ରାହକ ମାନେ ଏହାର ସୁବିଧା ନେଇପାରିବେ।

## କମ୍ପ୍ୟୁଟର ଶିକ୍ଷା କାର୍ଯ୍ୟକ୍ରମ

ପାଇକମାଲ,(ଡି.ଏନ.ଏ): ପାଇକମାଲ ବ୍ଲକ ବରତୁଣ୍ଡା ସିଆର୍‌ପିଏଫ୍ ପକ୍ଷରୁ କମ୍ପ୍ୟୁଟର ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୫ଜଣ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ତାଲିମ ଦିଆଯାଇଥିଲା। ଏହା ୩ ମାସ ଧରି ଚାଲିବ। କାର୍ଯ୍ୟକ୍ରମରେ ସିଆର୍‌ପିଏଫ୍ ପକ୍ଷରୁ କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୋରିଆ, ଡେପୁଟି କମାଣ୍ଡାଣ୍ଟ ସୁରେଶ ସାଇନି, ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ସୁରେଶ କୁମାର, ସୃଷ୍ଟି କୁମାର, ଶିବ କୁମାରଙ୍କ ସମେତ ସରପଞ୍ଚ ଜୟନ୍ତୀ ପୁଟା, ଯୁଧିଷ୍ଠିର ସାହୁ, ଗଜରାଜ ସିଂ ପୁଟା, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ସିଆରପିଏଫ୍‌ର ଜନସମ୍ପର୍କ ଶିବିର

**ଖପ୍ରାଖୋଲ, ୨୦।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲିଠାରେ ସିଆରପିଏଫ୍ ୧୮୯ ବାଟାଲିଅନ୍ ତରଫରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୋର୍ଯ୍ୟ, ଡେପୁଟି କମାଣ୍ଡାଣ୍ଟ ଏସ୍.ସୁରେଶ, ଖପ୍ରାଖୋଲ ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ଲଖିନ୍ଦର ସିଂ ଯୋଗଦେଇ ରେଙ୍ଗାଲି ଆଖ ପାଖ ଗାଁର ୨୮ଜଣଙ୍କୁ ପାଣି ଟାଙ୍କି, ୨୬ଟି ଲଣ୍ଠନ ବଣ୍ଟନ କରିଥିଲେ। ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କ ସହ ଉତ୍ତମ ସମ୍ପର୍କ ରକ୍ଷା ପାଇଁ ଏହି ଶିବିର ଆୟୋଜନ ହୋଇଥିଲା। ସେହିପରି ହରିଶଙ୍କର ସିଆରପିଏଫ୍ କ୍ୟାମ୍ପ ତରଫରୁ କନ୍ଦରାଭଟାଠାରେ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଖପ୍ରାଖୋଲ ବିଡିଓ ତରଣୀ ସୁନା, ଆଶିଷ୍ଟାଣ୍ଡ କମାଣ୍ଡାଣ୍ଟ ପି.ଲିମସଙ୍ଗ, ଥାନା ଏସ.ଆଇ ପଞ୍ଚାନନ ନେଗୀ ପ୍ରମୁଖ ସିଆରପିଏଫ୍ ପଦାଧିକାରୀଙ୍କ ସହ ଯୋଗଦେଇ ଆଖପାଖ ଗାଁର ହିତାଧିକାରୀଙ୍କୁ ସୋଲାର ଲଣ୍ଠନ ଓ ଟିଣ ଚଦର, ପାଣି ଟାଙ୍କି ଆଦି ବଣ୍ଟନ କରିଥିଲେ।

## ମଦମୁକ୍ତି ଆନ୍ଦୋଳନ ବୈଠକ

**ପାଇକମାଳ, ୨୦।୨ (ଡି.ଏନ.ଏ):** ପାଇକମାଳ ହାଇସ୍କୁଲ ପଡିଆରେ ମଦମୁକ୍ତି ଆନ୍ଦୋଳନ ପାଇଁ ଏକ ବୈଠକ ଦେବକୀ ଭଞ୍ଜଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ମଦମୁକ୍ତି ଆନ୍ଦୋଳନର ଆବାହକ ଅପର୍ଣ୍ଣା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମଦମୁକ୍ତ ପରିବାର ଓ ମଦମୁକ୍ତ ଗାଁ କରିବା ନିମନ୍ତେ ଶପଥ ନେବା ପାଇଁ ଆହ୍ୱାନ ଦେଇଥିଲେ। ଯୌତୁକ ପ୍ରଥା ବନ୍ଦ କରିବା, ଓଡିଶାରୁ ମଦ ବନ୍ଦ କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। କ୍ଷୀରୋଦିନୀ କଣ୍ଟା, ଟଙ୍କଧର କଣ୍ଟା, ପାଇକମାଳ ମଦମୁକ୍ତି ଆନ୍ଦୋଳନର ସମ୍ପାଦକ ଚିନାମାଲି ସାହୁ, ରାଜକୁମାର ବାରିକ, ଶ୍ରବଣ କନ୍ଧେର, ସାନ କନ୍ଧେର, ବୁଇ କୁମ୍ଭାର, ଟିକବର୍ତ୍ତି ବରିହା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମଣ୍ଡିରେ ଭିଜୁଛି ଧାନ

**ଲୋଇସିଂହା,୨୦।୨(ଡି.ଏନ.ଏ):** ଲୋଇସିଂହା ବ୍ଲକ ଅଞ୍ଚଳରେ ମେଘୁଆ ପାଗ ସହ ଲାଗି ରହିଛି ଅଦିନିଆ ବର୍ଷା। ଚାଷୀଙ୍କ ଧାନ ମଣ୍ଡିରେ ଭିଜି ଯାଇଛି। ସେମାନଙ୍କ ଦୁଃଖ କେହି ଶୁଣିବାକୁ ନାହାଁନ୍ତି। ଲୋଇସିଂହା ବ୍ଲକରେ ୧୦ଟି ପ୍ୟାକ୍ସ ରହିଛି। ୪୫୯୬ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୫ ଶହ ଚାଷୀଙ୍କ ଧାନ କିଣା ସରିଲାଣି। ଚାଷୀଙ୍କ ଅଭିଯୋଗ ହେଲା ଯେ, ପ୍ୟାକ୍ସ କର୍ତ୍ତୃପକ୍ଷ ଓ ମିଲର୍ସ ଏଜେଣ୍ଟ ଧାନବେପାରୀଙ୍କ ସହ ସଲାସୁତରା କରି କିଣାବିକା କରୁଛନ୍ତି। ବ୍ଲକର ଅନେକ ଚାଷୀ ଧାନବିକ୍ରି ପାଇଁ ଟୋକନ ପାଇଥିଲେ। ହେଲେ ଟାର୍ଗେଟ ନାହିଁ କହି ଏକ ମାସ ଅବଧି ମଧ୍ୟରେ ସେମାନଙ୍କ ଧାନକିଣା ଗଲାନାହିଁ। ଫଳସ୍ୱରୂପ ସେମାନଙ୍କ ଟୋକନ ରଦ୍ଦ ହୋଇଯାଇଛି। ବାଦିମୁଣ୍ଡା ପ୍ୟାକ୍ସର ୪୪ ଚାଷୀଙ୍କ ଏପରି ସମସ୍ୟା ହୋଇଛି। ବ୍ଲକର ସମସ୍ତ ପ୍ୟାକ୍ସରେ ସମାନ ଅବସ୍ଥା। ବାଦିମୁଣ୍ଡା ପ୍ୟାକ୍ସ ଅଧୀନ ବିରକେଲ ଗାଁର ପ୍ରେମରାଜ ଦଣ୍ଡସେନା ଓ ସଞ୍ଜୟ ପୁଟେଲଙ୍କଫେବୃୟାରୀ ୧୫ରେ ଟୋକନ ଅବଧି ସରିଯାଇଛି। ଅବଧି ମଧ୍ୟରେ ଧାନକିଣା ଯାଇ ନ ଥିବାରୁ ଅଦିନିଆ ବର୍ଷାରେ ଧାନ ଭିଜି ଯାଇଛି। କୁଟରାପାଲିର ରାମକ୍ରିଷ୍ଣ ସେଠଙ୍କ ଅଭିଯୋଗ ହେଲା ପ୍ୟାକ୍ସ କର୍ତ୍ତୃପକ୍ଷ ବେପାରୀମାନଙ୍କଠାରୁ ଫାଇଦା ପାଉଥିବାରୁ ସେମାନଙ୍କ ଧାନ ଉଠାଇବା ଦିଗରେ ତତ୍ପରତା ଦେଖାଉଛନ୍ତି। ଫଳରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଚାଷୀ ଧାନବିକ୍ରି ଲାଗି ପ୍ୟାକ୍ସରେ ହଟହଟା ହେଉଛନ୍ତି।

## ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ହେଲେ ଅଞ୍ଜଳି ସେଠୀ

**ବୌଦ୍ଧ,୨୦।୨(ସ୍ୱ.ପ୍ର.):** ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ବୌଦ୍ଧ ଜିଲା ବଡ଼ିଙ୍ଗା ସରପଞ୍ଚ ଅଞ୍ଜଳି ସେଠୀଙ୍କୁ ମନୋନୀତ କରାଯାଇଛି। ଏନେଇ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି। ସେଠୀଙ୍କୁ ସଦସ୍ୟା ରୂପେ ମନୋନୀତ କରିଥିବାରୁ ରାଜ୍ୟ ବରିଷ୍ଠ ନେତୃବୃନ୍ଦ ଓ ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକଙ୍କୁ ଜିଲା ଭାଜପା ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

# ଖୋଲା ଆକାଶ ତଳେ ପଡ଼ିଛି ଧାନ

**ବଲାଙ୍ଗୀର ଅଫିସ, ୨୦।୨**

### ମଣ୍ଡିରେ ତାଲାବନ୍ଦ ପରେ ବି ସୁଧୁରୁନି ଧାନକିଣା

ବଲାଙ୍ଗୀର ଜିଲାରେ ଧାନକିଣା ଅବ୍ୟବସ୍ଥା ଚରମ ସ୍ଥିତିରେ ପହଞ୍ଚିଛି। ଟୋକନ ପାଇ ମଧ ମଣ୍ଡିରେ ଧାନ ବିକ୍ରି ହୋଇ ପାରୁନାହିଁ। ଟାର୍ଗେଟ ସମସ୍ୟାରୁ ଟୋକନ ପାଇବାର ୧ ମାସ ପରେ ମଧ ଧାନ ବିକ୍ର କରି ନ ପାରିବା ଜିଲାର ଧାନକିଣା ଅବ୍ୟବସ୍ଥାକୁ ପଦାରେ ପକାଇଛି। ଗତ ଦୁଇଦିନ ଧରି କୋହଲା ପାଗ ଓ ସ୍ଥାନେସ୍ଥାନେ ବର୍ଷା ଯୋଗୁ ଅନେକ ମଣ୍ଡିରେ ଧାନ ଭିଜି ଯିବା ଚାଷୀଙ୍କୁ ଡରେଇ ଦେଇଛି। ଏଥିସହ ଗୋଦାମ ଘର ନ ଥିବାରୁ ମଣ୍ଡି ସମ୍ମୁଖରେ ଚାଷୀମାନେ ଧାନ ଆଣି ରଖିଛନ୍ତି। କେତେକ ସ୍ଥାନରେ ମଣ୍ଡି କର୍ମଚାରୀ ପଲିଥିନ୍ ଢ଼ାଙ୍କି ରଖିଛନ୍ତି।

ପୁଇଁତଲା ବ୍ଲକ ଛତାପିପଲ ପ୍ୟାକ୍ସରେ ଚାଷୀମାନେ ସପ୍ତାହେ ତଳେ ଧାରଣା ଦେବା ସହ ତାଲା ପକାଇଥିଲେ। ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ସେତେବେଳେ ଉପଜିଲାପାଳ, ଜିଲା ଯୋଗାଣ ଅଧିକାରୀ ମଣ୍ଡିରେ ପହଞ୍ଚି ଧାନକିଣା ଅବ୍ୟବସ୍ଥା ଦୂର କରିବେ ବୋଲି



ଛତାପିପଲ ମଣ୍ଡିରେ ଖୋଲା ଆକାଶ ତଳେ ରଖାଯାଇଥିବା ଧାନ।

ପ୍ରତିଶ୍ରୁତି ଦେଇଥିଲେ। ହେଲେ ସୁଫଳ ନ ମିଳିବାରୁ ଶନିବାର ଏଠାରେ ପୁଣି ଥରେ ଚାଷୀ ଅସନ୍ତୋଷ ଦେଖାଦେଇଥିଲା। ଜାନୁୟାରୀ ୨୧ ତାରିଖଠାରୁ ଧାନ ବିକିବାକୁ ଟୋକନ ପାଇଥିବା ଚାଷୀମାନେ ଧାନ ବିକ୍ରି କରିପାରି ନାହାନ୍ତି। ଟୋକନ୍ ଅଚଳ ହୋଇଯିବାର ଗୋଟିଏ ଦିନ ଆଗରୁ ଧାନ ବିକ୍ରୟ ହେବ ବୋଲି କୁହାଯାଇଥିଲା। ଫଳରେ ବହୁ ଚାଷୀ ସେଠାକୁ ଆସି ହୋହଲ୍ଲା କରିଥିଲେ। ମଣ୍ଡିରେ ରଖିବାକୁ ସ୍ଥାନ ନଥିବାବେଳେ କେଉଁଠି ରଖିବେ ବୋଲି ପ୍ରଶ୍ନ କରିଥିଲେ। ଏହି ମଣ୍ଡିରେ ଏବେ ୨୭୦୦ ବସ୍ତା ଧାନ ବିକ୍ରି ହେବାକୁ ପଡିରହିଛି। ଶନିବାର ସୁଦ୍ଧା ମଣ୍ଡିରେ ୨୭ ହଜାର ୫୫୯ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଚଳିତ ବର୍ଷ ଏହି ମଣ୍ଡିରେ ୫୨୮ ଜଣ ଚାଷୀ ଧାନ ବିକ୍ର କରିବାକୁ ପଞ୍ଜୀକୃତ ହୋଇଛନ୍ତି। ଟାର୍ଗେଟ ମିଳୁ ନ ଥିବାରୁ ଧାନକିଣା ସୁଚାରୁରୂପେ ସମ୍ପାଦନ ହୋଇପାରି ନ ଥିବା ପ୍ୟାକ୍ସ ସମ୍ପାଦକ ଆଲୋକ କୁମାର ମିଶ୍ର କହିଛନ୍ତି। କେତେକ ଚାଷୀ ପ୍ରତିଦିନ ଧାନକିଣା ହୋଇ ମିଲକୁ ଯାଉଛି। ଏପରିକି କୁଇଣ୍ଟାଲ ପିଛା ୫/୬ କେଜି କଟନି କରାଯାଉଥିବା ଅଭିଯୋଗ କରିଛନ୍ତି। ଏହି ପ୍ୟାକ୍ସର ୧୨୭ ଜଣ ଚାଷୀଙ୍କ ୮ ହଜାର ୩୬୯ କୁଇଣ୍ଟାଲ ଧାନ ବିକ୍ରୟ ପାଇଁ ରହିଛି ବୋଲି ସୂଚନା ଦିଆଯାଇଛି। ତେବେ ମାତ୍ର ୧୫୦୦ କୁଇଣ୍ଟାଲ ଟାର୍ଗେଟ ଆସିଥିବାରୁ ଜାନୁୟାରୀ ୨୧ ତାରିଖର ଟୋକନ ପାଇଥିବା ଚାଷୀଙ୍କ ଠାରୁ କ୍ରମାନ୍ୱୟରେ ଧାନକିଣା ହେଉଥିବା ପ୍ୟାକ୍ସ ସମ୍ପାଦକ କହିଛନ୍ତି। କୋହଲା ପାଗ ଓ ବର୍ଷା ଯୋଗୁଁ ଏବେ ଧାନରେ ଆଦ୍ରତା ବୃଦ୍ଧି ପାଇବ ଓ ଚାଷୀମାନେ ହିଁ କ୍ଷତିର ସମ୍ମୁଖୀନ ହେବେ ବୋଲି ଗୌରୀଶଙ୍କର ଖମାରୀ ଓ ସଞ୍ଜିତ କୁମାର ମିଶ୍ର ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ତରବୋଡ/ନୂଆପଡା ଅଫିସ,୨୦।୨(ଡି.ଏନ.ଏ)**

ନୂଆପଡା ଜିଲା ଧରମବନ୍ଧା ଥାନା ପଞ୍ଚମପୁରଠାରେ ଶନିବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୈଳାସ ମାଝି(୫୫)। ଏହି ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ହୋଇ ନୂଆପଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍‌କୁ ଜବତ କରି ପୋଲିସ ତଦନ୍ତ କରୁଥିବା ଆଇଆଇସି ଦିଲୀପ ଲେକ୍ରା ସୂଚନା ଦେଇଛନ୍ତି।

ପୂର୍ବାହ୍ନରେ ପଞ୍ଚମପୁର ଗାଁର କୈଳାସ ତାଙ୍କ ପୁଅ ଅର୍ଜୁନ(୨୫) ଓ ପୁତୁରା ଗୋକୁଳ(୨୨)ଙ୍କ ସହିତ ଏକ ବାଇକ୍ (ନଂ.ଓଡି୨୬ଇ/୨୫୩୪) ଯୋଗେ ସାରାବଙ୍ଗ ଗାଁକୁ ଯାଉଥିଲେ। ଗାଁର ଗଳି ରାସ୍ତାରୁ ବାହାରିବା ସମୟରେ ସାମ୍ନା ପଟୁ ଅନ୍ୟ ଏକ ବାଇକ୍ (ନଂ.ସିଜି୦୪ଏମ୍‌ଜି/୬୫୭୦) ଆସି ଧକ୍କା ହୋଇଥିଲା। ଫଳରେ ୪ ଜଣ ଗୁରୁତର ହୋଇଥିଲେ। ଗାଁ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୈଳାସଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇବା ପରେ ଅନ୍ୟ ବାଇକ୍ ଚାଳକ ଛତିଶଗଡ଼ ବାଗବାହାରା ସହରର ଯୁବକ ଡାକ୍ତରଖାନାରୁ କୁଆଡେ ଫେରାର ହୋଇ ଯାଇଛନ୍ତି। ମୃତକଙ୍କ ପୁଅ ଅର୍ଜୁନ ଓ ପୁତୁରା ଗୋକୁଳ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ



ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରାଯାଇଛି।

**ବରଗଡ଼ ଅଫିସ୍,୨୦।୨**

ବରଗଡ଼ ଜିଲା ଅମ୍ବାଭୋନା ଥାନା କଣ୍ଡିପାଲି ମୁଖ୍ୟରାସ୍ତାରେ ଶନିବାର ସନ୍ଧ୍ୟାରେ କାର୍ (ନଂ.ଓଆର୧୭ଜେ/୫୪୨୪) ଏବଂ ବାଇକ୍ (ନଂ.ଓଡ଼ି୧୭କ୍ୟୁ/୮୩୫୮) ମୁହାଁମୁହିଁ ଧକ୍କା ଦେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅମ୍ବାଭୋନା ଥାନା ଭୁକ୍ତା ନିବାସୀ ସୁଦର୍ଶନ ପାତିକାର(୪୭)। ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଥିଲା। କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ରାସ୍ତାରୋକୋରୁ ହଟିବୁ ନାହିଁ ବୋଲି ମୃତକଙ୍କ ପରିବାର ଲୋକେ ଅଡ଼ି ବସିଥିଲେ। ପରେ କାର୍ ମାଲିକ ତଥା ପୂର୍ତ୍ତ ବିଭାଗ ଯନ୍ତ୍ରୀ ଗଜେନ୍ଦ୍ର ବେହେରା ବୁଧବାର ସୁଦ୍ଧା କ୍ଷତିପୂରଣ ଦେବାକୁ ରାଜି ହେବାରୁ ରାସ୍ତାରୋକୋ ହଟିଥିଲା ଏବଂ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଯାଇଥିଲା।

ପ୍ରକାଶ ଯେ, ସୁଦର୍ଶନ ଭୁକ୍ତା ପଞ୍ଚାୟତରେ ରାଶନ ସାମଗ୍ରୀ ବଣ୍ଟନ କରି ସାରି ଲୁଦୁପାଲିସ୍ଥିତ ଶ୍ୱଶୁର ଘରକୁ ବାଇକ୍ ଯୋଗେ ଯାଉଥିଲେ। ଏହି ସମୟରେ କଣ୍ଡିପାଲି ନିକଟରେ ଗଜେନ୍ଦ୍ରଙ୍କ କାର୍ ଏବଂ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ସୁଦର୍ଶନଙ୍କ ମୃତ୍ୟୁ ହୋଇଥିଲା।

# ମଣ୍ଡି ବନ୍ଦ ହେଲା, ଉଠିଲାନି ଧାନ

**କୁନାଗଡ,୨୦।୨(ଡି.ଏନ୍.ଏ)**

### ନୂଆଗୁଡା ମଣ୍ଡି
### ଘରକୁ ଧାନ ଫେରାଇ ନେଲେ ଚାଷୀ

କଳାହାଣ୍ଡି ଜିଲା କୁନାଗଡ ବ୍ଲକ ଚିଟୈଗୁଡା ପ୍ୟାକ୍ସ ଅନ୍ତର୍ଗତ ନୂଆଗୁଡା ମଣ୍ଡିରେ ଧାନ ବିକ୍ରି କରିବାକୁ ଆଶା ବାନ୍ଧି ଶେଷରେ ଜଣେ ଚାଷୀଙ୍କୁ ହଟହଟା ହେବାକୁ ପଡିଛି। ଏହି ଚାଷୀ ଜଣକ ଦୀର୍ଘ ଦିନ ଧରି ମଣ୍ଡିରେ ଧାନ ରଖିଥିଲେ ହେଁ ବିକ୍ରି ନ ହେବାରୁ ଶନିବାର ଘରକୁ ନେଇଯିବାର ଦେଖିବାକୁ ମିଳିଛି। କୁନାଗଡ ବ୍ଲକର ବିଭିନ୍ନ ମଣ୍ଡିରେ ଏପରି ଦୃଶ୍ୟ ଦେଖିବାକୁ ମିଳୁଛି। ଏହି ଘଟଣାରୁ ଚାଷୀଙ୍କ ପ୍ରତି ସରକାର ଓ ପ୍ରଶାସନ କେତେ ସମ୍ବେଦନଶୀଳ ତାହା ସ୍ପଷ୍ଟ ହୋଇଛି।

ପ୍ରକାଶ ଯେ, ନୂଆଗୁଡା ଗ୍ରାମର ମହେନ୍ଦ୍ର ବେମାଲ ନାମକ ଜଣେ ଚାଷୀ ଗତ ଡିସେମ୍ବର ୨୫ତାରିଖରେ ୪୪କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଟୋକନ୍ ପାଇଥିଲେ। ତେବେ ଟାର୍ଗେଟ ଅଭାବ କହି ସ୍ଥାନୀୟ ଧାନକ୍ରୟ ଅଧିକାରୀ ଧାନ ଉଠାଇ ନ ଥିଲେ। ଫଳରେ ଜାନୁୟାରୀ ୨୫ ତାରିଖ ମାସେ ପରେ ତାଙ୍କ ଟୋକନ୍‌ର ଅବଧି ଶେଷ ହୋଇଯାଇଥିଲା। କିଛି ଦିନ ପରେ ମଣ୍ଡି ମଧ୍ୟ ବନ୍ଦ ହୋଇଯାଇଥିଲା। ଏପଟେ ପ୍ରଶାସନ କାଳେ ତାଙ୍କ ଧାନ ଉଠାଣ କରିବ ଆଶା ରଖି ମହେନ୍ଦ୍ର ମଣ୍ଡିରେ ପଡି ରହିଥିଲେ। ହେଲେ ପ୍ରଶାସନର ଦୃଷ୍ଟି ପଡି ନ ଥିଲା। ଶେଷରେ ଶନିବାର ସନ୍ଧ୍ୟାରେ ଚାଷୀ ଜଣକ ନିଜ ଧାନକୁ ଟ୍ରାକ୍ଟର ଯୋଗେ ଘରକୁ ନେଇଯିବା ଦେଖିବାକୁ ମିଳିଥିଲା। ଯେଉଁମାନଙ୍କ ଟୋକନ ଅବଧି ଶେଷ ହୋଇଯାଇଛି। ସେମାନଙ୍କ ଏପରି ଅବସ୍ଥା ହେଉଥିବା ଦେଖିବାକୁ ମିଳୁଛି। ତେଣୁ ପ୍ରଶାସନ ଉକ୍ତ ଚାଷୀମାନଙ୍କୁ ଚିହ୍ନଟ କରି ଧାନ ଉଠାଣ କରିବାକୁ ଚାଷୀ ମହଲରେ ଦାବି ହେଉଛି।

## ଟଙ୍କିକିଆ ଚାଉଳ ପାଇଁ ୨୦୦ ଟଙ୍କା ଖର୍ଚ୍ଚ

**ଭବାନୀପାଟଣା, ୨୦।୨ (ଡି.ଏନ.ଏ.)**

ଟଙ୍କିକିଆ ଚାଉଳ ପାଇବା ପାଇଁ ଖର୍ଚ୍ଚ କରିବାକୁ ପଡେ ୨ଶହ ଟଙ୍କା। କଥାଟି ଅଡୁଆ ଲାଗୁଥିଲେ ହେଁ ବାସ୍ତବରେ ସତ। କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅଧୀନ ୮ଟି ଗାଁର ଲୋକଙ୍କ ପାଇଁ ସରକାରୀ ଯୋଜନା ସାତସପନ ହୋଇଛି। ୩୧୫ ପରିବାର ପାଇଁ ରାସ୍ତା ସାଜିଛି ବାଧକ। ସଦର ବ୍ଲକ ଯୁଗସାଇପାଟଣା ପଞ୍ଚାୟତରୁ ୮ଟି ଗାଁର ଦୂରତା ୭୫ କିମି। ସେହିପରି ଭବାନୀପାଟଣା ବ୍ଲକ ଠାରୁ ଏହି ଗାଁର ଦୂରତା ୨୫ କିମି। ଫଳରେ ହିତାଧିକାରୀଙ୍କୁ ଟଙ୍କିକିଆ ଚାଉଳ ପାଇଁ ଗାଡି ଖର୍ଚ୍ଚ ବାବଦକୁ ପ୍ରାୟ ୨୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଯୁଗସାଇପାଟଣା ପଞ୍ଚାୟତର ଏହି ୮ଟି ଗାଁ ହେଲା ସଲପାଙ୍ଗ, କଟଲାଙ୍ଗ, କଟରୁସରୁ, ଝୋନଙ୍କାପିଟା, ରଙ୍ଗଗୁଡା, ପଣ୍ଡମ, ଖଜୁରଗୁଡା ଓ ବଡମ୍ବା। ଏହିସବୁ ଗାଁ ମଧ୍ୟରେ ୪ଟି ପାହାଡ, ୩ଟି ନାଳ, ଝରଣା, ଘଞ୍ଚ ଜଙ୍ଗଲ ଓ ଘାଟି ରହିଛି। ୨୫ କିମି ବିପଦଶଙ୍କୁଳ ରାସ୍ତା ରହିଛି। ରାସ୍ତାରେ ଯିବା ସମୟରେ ସର୍ବଦା ଛୋଟ ବଡ ଦୁର୍ଘଟଣାର ଆଶଙ୍କା ରହିଥାଏ। ଏହି ଗ୍ରାମବାସୀ ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତ ଦେଇ ୫ କିମି ଆସିଥାନ୍ତି। ଏଠାରୁ ମୁଷାନାଳ ଭାବନୀପାଟଣା ଦେଇ ଯୁଗସାଇପାଟଣା ପଞ୍ଚାୟତ ଯାଇ ଚାଉଳ ଆଣିଥାନ୍ତି। ଏହି ବାଟରେ ଆସିଲେ ୭୫ କିମି ରାସ୍ତା ଅତିକ୍ରାନ୍ତ କରିବାକୁ ପଡିଥାଏ।

ସେହିପରି ଖାଉଟି ସାମଗ୍ରୀ ଆଣିବା ପାଇଁ ୩୧୫ ପରିବାରକୁ ୧୦ଟି ପିକ୍‌ଅପ୍ ଭ୍ୟାନ୍ ଭଡା କରିବାକୁ ପଡିଥାଏ। ଏନେଇ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ବିଡିଓ ତଥା ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଜିଲାପାଳ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

## ରାଜ୍ୟ ତୀରନ୍ଦାଜ ଚାମ୍ପିୟନଶିପ୍: ନିଥାନିଆଲଙ୍କୁ ସ୍ୱର୍ଣ୍ଣ

**ଭବାନୀପାଟଣା, ୨୦।୨(ଡି.ଏନ.ଏ.)**

କଟକ ବାରବାଟୀ ଷ୍ଟାଡିୟମଠାରେ ଚାଲିଥିବା ୨୨ତମ ରାଜ୍ୟ ତୀରନ୍ଦାଜ ଚାମ୍ପିୟନଶିପରେ କଳାହାଣ୍ଡିକୁ ସଫଳତା ମିଳିଛି। କଳାହାଣ୍ଡି ଜିଲା ଲାଞ୍ଜିଗଡ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲର ଛାତ୍ର ନିଥାନିଆଲ ମଲ୍ଲିକ ୪୦ମିଟର ଓ ୩୦ମିଟର ଜୁନିୟରରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ୯ ବର୍ଷ ବାଳକ ବିଭାଗରେ ଲାଞ୍ଜିଗଡ ଡିଏଭି ସ୍କୁଲର ଦ୍ୱିତୀୟ ଶ୍ରେଣୀ ଛାତ୍ର ରାମିୟା ମାଝୀ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି।



ନିଥାନିଆଲ, ରାମିୟା ଓ ସୁହାସିନୀ ସାମଲ।

ବାଳିକା ବିଭାଗରେ ୬୦ମିଟର ଜୁନିୟରରେ ନର୍ଲା ଶିଶୁ ମନ୍ଦିରର ଅଷ୍ଟମ ଶ୍ରେଣୀ ଛାତ୍ରୀ ସୁହାସିନୀ ସାମଲ ରୌପ୍ୟ ପଦକ ଲାଭ କରିଛନ୍ତି। ଜିଲା ଆଥଲେଟିକ ଆସୋସିଏଶନ ପକ୍ଷରୁ ଏହି ଛାତ୍ରୀଛାତ୍ରଙ୍କୁ ସହାୟତା ଦିଆଯାଇଥିଲା। କୋଚ ସୀମାଞ୍ଚଳ କାଡାକାଙ୍କ ଯୋଗୁ ଏହି ସଫଳତା ମିଳିଥିବାରୁ ଜିଲାରେ ନୂଆ ସମ୍ଭାବନା ସୃଷ୍ଟି ହୋଇଛି।

## ପାର୍ଥ ମେମୋରିଆଲ କ୍ରିକେଟ: ସେମିରେ ବଡଙ୍ଗୋମୁଣ୍ଡା



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

**ଦେଓଗାଁ ,୨୦।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ମହଲାଇ ସତ୍ୟସାଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୫ଦିନ ଧରି ଚାଲିଥିବା ୧୪ତମ ପାର୍ଥ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଥିଲା ଚତୁର୍ଥ ଦିବସ। ଏହିଦିନ ସର୍ଗିପାଲି ଓ ପାଣ୍ଡେଲ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଣ୍ଡେଲ ବିଜୟୀ ହୋଇଥିଲା। ପୁଡାପାଲି ଓ ବଡଙ୍ଗୋମୁଣ୍ଡା ମଧ୍ୟରେ ଦ୍ୱିତୀୟ ମ୍ୟାଚ ଖେଳା ଯାଇଥିଲା। ଏଥିରେ ବଡଙ୍ଗୋମୁଣ୍ଡା ବିଜୟୀ ହୋଇଥିଲା। ପରେ ପାଣ୍ଡେଲ ଓ ବଡଙ୍ଗୋମୁଣ୍ଡା ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବଡଙ୍ଗୋମୁଣ୍ଡା ଦଳ ୧୦ଓଭରରେ ୬ ଉଇକେଟ ହରାଇ ୧୦୮ରନ ସଂଗ୍ରହ କରିଥିଲା। ଜବାବରେ ପାଣ୍ଡେଲ ଦଳ ୮ ଓଭରରେ ୭୮ରନ କରି ଅଲଆଉଟ ହୋଇଯାଇଥିଲା। ଫଳରେ ବଡଙ୍ଗୋମୁଣ୍ଡା ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା। ଅତିଥିଭାବେ ଆମ ଆଦମୀ ପାର୍ଟିର ରାଜ୍ୟ ପ୍ରବକ୍ତା ତଥା ଜିଲା ଆବାହକ ଆଶିଷ କୁମାର ପାଣ୍ଡେ, ସୁବୋଧ କୁମାର ମେହେର, ବଳରାମ ଜାଲ, ରାଜେଶ ନାଗ, ପଣ୍ଡା ରଣା ଆଦିଯୋଗଦେଇଥିଲେ।

# ରେଡକ୍ରସ ତାଲିମ ଶିବିର ଉଦ୍‌ଘାଟିତ

**ତରବୋଡ/ନୂଆପଡା ଅଫିସ,୨୦।୨(ଡି.ଏନ.ଏ)**

ନୂଆପଡା ଜିଲା କୋମନା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ କ୍ଲଷ୍ଟରସ୍ତରୀୟ ରେଡକ୍ରସ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତ ସମିତି କଲେଜ ଅଧ୍ୟକ୍ଷ ସିଦ୍ଧେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ନୂଆପଡା ନ୍ୟାଶନାଲ କଲେଜ ଅଧ୍ୟକ୍ଷ ସମରେନ୍ଦ୍ର ନାରାୟଣ ଦାସ ମୁଖ୍ୟଅତିଥି, ନୂଆପଡା ଜିଲା କନଭେନର ସେକ୍ରେଟାରୀ ଭୁଖନ ରାମ ଅହୀର ମୁଖ୍ୟବକ୍ତା, ସଂକୀର୍ତ୍ତନ ମିଶ୍ର, ଶିବ ପ୍ରସାଦ ସା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରେଡକ୍ରସ ସଂଯୋଜକ ଅଶ୍ୱିନୀ ଓଝା କାର୍ଯ୍ୟକ୍ରମ ସଂଯୋଜନା ଏବଂ ଓଡିଆ ଅଧ୍ୟାପକ ଦୀପକ କୁମାରଦାସ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷା ବିଭାଗ ଅଧ୍ୟାପକ ବିନୋଦ ବିହାରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ପ୍ରୟାସ

**ବୌଦ୍ଧ,୨୦।୨(ସ୍ୱ.ପ୍ର.)**

ବୌଦ୍ଧସ୍ଥିତ ସରକାରୀ ପଲିଟେକ୍‌ନିକ ଓ ଶିଳ୍ପତାଲିମ କେନ୍ଦ୍ର (ଆଇଟିଆଇ) ଛାତ୍ରୀଛାତ୍ରଙ୍କ ଦକ୍ଷତା ଦ୍ୱିଗୁଣିତ କରିବା ପାଇଁ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ପ୍ରୟାସ ଆରମ୍ଭ କରିଛନ୍ତି। ଏ ନେଇ ସେ ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟର କୁଳପତିଙ୍କୁ ଶୁକ୍ରବାର ପତ୍ର ଲେଖି ସହଯୋଗ ଲୋଡିଛନ୍ତି।

ନିକଟରେ ରାଜ୍ୟ ଦକ୍ଷତା ବିକାଶ ଅଧକ୍ଷ ସୁବ୍ରତ ବାଗଚୀ ବୌଦ୍ଧ ଜିଲା ଗଉଡଦେଇଠାରେ ଥିବା ସରକାରୀ ପଲିଟେକ୍‌ନିକ ଓ ଶିଳ୍ପତାଲିମ କେନ୍ଦ୍ର ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ସେଠାରେ ରୋବୋଟିକ୍ସ, ଅଟୋମୋବାଇଲ ଭଳି ବିକଶିତ ବୈଷୟିକ ଶିକ୍ଷାର ଆବଶ୍ୟକତା ଥିବା ନେଇ ଉପଲବ୍ଧି କରିଥିଲେ। ଏ ନେଇ ଏଠାରେ ରୋବୋଟିକ୍ସ, ଅଟୋମୋବାଇଲ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରାଗଲେ ଛାତ୍ରୀଛାତ୍ରଙ୍କ ଦକ୍ଷତାର ବିକାଶ ଘଟିବା ସହ ସେମାନେ ପାରଦର୍ଶିତା ଲାଭ କରିପାରିବେ ବୋଲି କହିଥିଲେ। ବିଶେଷ କରି ଏ ଦିଗରେ ଭିସୁଟର ଦକ୍ଷତାର ଉପଯୋଗ କରିବାକୁ ସଙ୍କେତ ଦେଇଥିଲେ। ଏ ନେଇ ଜିଲାପାଳ ମିଶ୍ର ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ସହଭାଗିତାରେ ବୌଦ୍ଧ ସରକାରୀ ପଲିଟେକନିକ ଓ ଶିଳ୍ପତାଲିମ କେନ୍ଦ୍ର ପରିସରରେ ରୋବୋଟିକ୍ସ, ଅଟୋମୋବାଇଲ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ନେଇ ପତ୍ର ସଂଖ୍ୟା ୧୨୯୧ତା ୧୯.୨.୨୦୨୧ରେ ଭିସୁଟ କୁଳପତିଙ୍କୁ ପତ୍ର ଲେଖିଛନ୍ତି। ଯଦି ଉକ୍ତ ଅନୁଷ୍ଠାନରେ ଏସବୁ କେନ୍ଦ୍ର ଖୋଲାଯାଏ ତେବେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ହୋଇପାରିବ। ଏ ସମସ୍ତ ଖର୍ଚ୍ଚ ଜିଲା ପ୍ରଶାସନ ଖର୍ଚ୍ଚ କରିବ ବୋଲି ଜିଲାପାଳ ମିଶ୍ର ପତ୍ରରେ ଉଲ୍ଲେଖ କରିଛନ୍ତି।

# ବର୍ଦ୍ଧିତ ବେତନ ଦାବି କଲେ ଅଙ୍ଗନୱାଡି କର୍ମୀ

**ସୋନପୁର,୨୦।୨(ନି.ପ୍ର.)**

### ସୁବର୍ଣ୍ଣପୁର ଜିଲା ଶାଖା ବୈଠକରେ ଆନ୍ଦୋଳନ ନିଷ୍ପତ୍ତି

ଅଙ୍ଗନୱାଡି କର୍ମଚାରୀଙ୍କୁ ମାସିକ ୧୮ ହଜାର ଟଙ୍କା ବେତନ ଦାବିରେ ଆନ୍ଦୋଳନ କରିବ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କରସ ଆସୋସିଏଶନ୍। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଖିଳ ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କରସ୍ ଆସୋସିଏଶନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଶନିବାର ସୋନପୁର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସୁବର୍ଣ୍ଣପୁର ଜିଲା ଶାଖାର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଲ ଓଡିଶା ଲେଡିଜ୍ ୱାର୍କରସ୍ ଆସୋସିଏଶନ ରାଜ୍ୟ ସାଧାରଣ ସମ୍ପାଦିକ ସୁମିତ୍ରା ମହାପାତ୍ର, ଅଖିଳ



ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘ ସାଧାରଣ ସମ୍ପାଦିକା ଅଞ୍ଜଳି ପଟେଲ ଯୋଗଦେଇ ଅଙ୍ଗନୱାଡିରେ କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ଗାଁ କଲ୍ୟାଣ ସମିତିରୁ ଅଙ୍ଗନୱାଡି କର୍ମୀଙ୍କୁ ବାଦ୍ ଦେବାକୁ ଦାବି କରିଥିଲେ। ଜିଲା ସଭାପତି ମମତା ପଣ୍ଡା କର୍ମଚାରୀଙ୍କୁ ଆୟୁଷ୍ମାନ୍ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ୧୨ ଜାନୁୟାରୀ ୨୦୧୯ରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଅବସରକାଳୀନ ସହାୟତା ରାଶି, ୧୫ ଶହ ଟଙ୍କା ବର୍ଦ୍ଧିତ ବେତନ ଓ ୧୫ ଦିନ ଗ୍ରୀଷ୍ମ ଛୁଟି ଅଦ୍ୟାବଧି ମିଳି ନଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଆସନ୍ତା ଅପ୍ରେଲ ମାସ ୨, ୩ ଓ ୪ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ସଂଘର ରାଜ୍ୟ ସମ୍ମିଳନୀ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ସମ୍ପାଦିକା ପୁଷ୍ପାଞ୍ଜଳୀ ଦାଶ, ବିଏମ୍‌ଏସର ଜିଲା ସମ୍ପାଦକ ସୂର୍ଯ୍ୟକାନ୍ତ ରାଉଳ, ସହସମ୍ପାଦକ ସୁଶାନ୍ତ ପଣ୍ଡା, ଅର୍ଜୁନ ବାଦି, ନବ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଜିଲାର ୬ଟି ବ୍ଲକ, ୨ଟି ଏନଏସି ଓ ସୁବର୍ଣ୍ଣପୁର ମ୍ୟୁନିସିପାଲିଟିର ଅଙ୍ଗନୱାଡି କର୍ମଚାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ।

## ମୋ ଚାଟଶାଳୀ ପାଠ କାର୍ଯ୍ୟକ୍ରମ

ଦେଓଗାଁ (ଡି.ଏନ.ଏ.): ବଲାଙ୍ଗୀର ସଦର ବ୍ଲକ ଫୁଲଝରନଠାରେ ଶନିବାର ଲୋକଉନ୍ନତି ସଂଗଠନ ଓ ଶ୍ରମଜୀବୀ ମହିଳା ମଞ୍ଚ ତରଫରୁ ମୋ ଚାଟଶାଳୀ ପାଠ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ପୁରନ୍ଦର ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ସାମାଜିକ କର୍ମୀ ଗୌର ରାଜପଲିଆ, ବ୍ଲକ ଅଧକ୍ଷ ଗୋଲାପ ବାଗ, ସତ୍ୟ ବନଛୋର, ମହିଳା ଶ୍ରମଜୀବୀ ମଞ୍ଚ ସଭାନେତ୍ରୀ ଶାନ୍ତି ଭୋଇ, ସର୍ଜ୍ଜଲା ବ୍ଲକ ସଭାନେତ୍ରୀ ଶାନ୍ତରା ଭୋଇ, ବିର୍ଷା ବାହିନୀ ଅଧକ୍ଷ ଆଶିଷ ରାଜହଂସ ପ୍ରମୁଖ ଯୋଗଦେଇଥିଲେ। ଆର୍ଥିକ ଅନଟନ ମଧ୍ୟରେ ରହୁଥିବା ପିଲାଙ୍କୁ ଶିକ୍ଷାଦାନ କରିବାର ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିଥିଲେ।

# ଆନ୍ଦୋଳନ ଆଗରେ ଅସହାୟ ପ୍ରଶାସନ

ବରଗଡ଼ ଅଫିସ୍/ପଦ୍ମପୁର,୨୦।୨


ବରଗଡ଼ ଜିଲା ପଦ୍ମପୁର ଭେଡ଼ଁରିଆ ଛକରେ ଚାଷୀମାନେ ରାସ୍ତାରୋକୋ କରିଛନ୍ତି ।

- ମଣ୍ଡିରୁ ଉଠୁନି ଧାନ
- ରାସ୍ତା ଅବରୋଧ କଲେ ଚାଷୀ
- ଫୁଡ୍ ପଲିସି କପି ପୋଡ଼ିଲେ

ବରଗଡ଼ ଜିଲାରେ ରବି ଚାଷକାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ଜିଲାର ପଦ୍ମପୁର ଉପଖଣ୍ଡର ଅନେକ ଚାଷୀ ଖରିଫ ଧାନକୁ ଏପର୍ଯ୍ୟନ୍ତ ବିକ୍ରି କରି ପାରିନାହାନ୍ତି। ଅନ୍ୟପଟେ ଜିଲାର ବିଭିନ୍ନ ମଣ୍ଡିକୁ ବନ୍ଦ କରି ଦିଆଯାଇଥିବା ବେଳେ ଧାନ ସଂଗ୍ରହ ପ୍ରକ୍ରିୟାକୁ ମଧ୍ୟ ଶେଷ କରିବାକୁ ମସୁଧା ଚାଲିଛି। ଏହାକୁ ନେଇ ପଦ୍ମପୁର ଅଞ୍ଚଳରେ ଚାଷୀ ଆନ୍ଦୋଳନ ଜୋର୍ ଧରିଛି। ଗତ ୧୧ତାରିଖରୁ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶନିବାର ଏହି ଆନ୍ଦୋଳନ ନବମ ଦିବସରେ ପହଞ୍ଚିଛି। ମାତ୍ର ପ୍ରଶାସନ ଚାଷୀଙ୍କ ଧାନ ଉଠାଇବାରେ ଅସହାୟ ହୋଇପଡ଼ି ଥିବାରୁ ଅସନ୍ତୋଷ ବଢ଼ିଛି। ଚାଷୀମାନେ ଭେଡଁରିଆ ଛକରେ ଶନିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଫଳରେ ପଦ୍ମପୁର-ପାଇକମାଳ ଦେଇ ପାଟଣାଗଡ଼, ନୂଆପଡ଼ା ସହିତ ପଡ଼ୋଶୀ ଛତିଶଗଡ଼କୁ ୩ଘଣ୍ଟା ଧରି ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଥିଲା। ସେହିପରି ଘଟଣାସ୍ଥଳରେ ଚାଷୀମାନେ ଫୁଡ୍ ପଲିସି କପିକୁ ପୋଡ଼ି ଧାନ କିଣାବିକା ବ୍ୟବସ୍ଥାର ପ୍ରତିବାଦ କରିଥିଲେ।

ପଦ୍ମପୁର ଉପଖଣ୍ଡକୁ କେନାଲ ଜଳସେଚନ ବ୍ୟବସ୍ଥା ନ ଥିବାରୁ ଏ ଅଞ୍ଚଳର ଚାଷୀମାନେ ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରି ଖରିଫ ଧାନ ଚାଷ କରିଥାନ୍ତି। ଧାନ ଅମଳ କରି ମଣ୍ଡିକୁ ଆଣିବା ସତ୍ତ୍ୱେ ତାକୁ ବିକ୍ରି କରି ନ ପାରିବା ଚାଷୀଙ୍କ ଦୁଃଖକୁ ବଢ଼ାଇ ଦେଇଛି । ବାରମ୍ବାର ନିବେଦନ ସତ୍ତ୍ୱେ କିଛି ସୁଫଳ ନ ମିଳିବାରୁ ଚାଷୀମାନେ ଗତ ୧୧ତାରିଖରେ ପଦ୍ମପୁର ଉପଜିଲାପାଳଙ୍କ ଅଫିସ ଆଗରେ ଧାନ ବୋଝେଇ ଟ୍ରାକ୍ଟର ରଖିଥିଲେ। ସେଠାରେ ଧାନ ଗଦା କରିବା ସହିତ ଅଫିସ୍‌କୁ ଅଚଳ କରି ଦେଇଥିଲେ। ସ୍ଥାନୀୟ ତହସିଲ ଅଫିସରେ ମଧ୍ୟ ଅନୁରୂପ ଆନ୍ଦୋଳନ ଚାଲିଥିବାବେଳେ ଗତ ୧୮ତାରିଖରେ ଧାରଣାସ୍ଥଳକୁ ପହଞ୍ଚିଥିବା ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଏବଂ ସମବାୟ ଉପନିବନ୍ଧକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅଟକ ରଖିଥିଲେ। ତଥାପି କିଛି ସୁଫଳ ନ ମିଳିବାରୁ ଚାଷୀମାନେ ଶନିବାର ରାଜରାସ୍ତାକୁ ଓହ୍ଲାଇଥିଲେ। ସେମାନେ ସୋମବାରଠାରୁ ଅଞ୍ଚଳର ଅନ୍ୟ ସରକାରୀ ଅଫିସରେ ଧାନ ଗଦା କରି ସମ୍ପୃକ୍ତ ଅଫିସ ଗୁଡ଼ିକୁ ଅଚଳ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ପଦ୍ମପୁର ଉପଖଣ୍ଡର ଅନେକ ଚାଷୀ ଏଯାଏ ଧାନ ବିକ୍ରି କରି ପାରିନାହାନ୍ତି। ଅଦ୍ୟାବଧି ଅଞ୍ଚଳର ୭୦ଟି ମଣ୍ଡିରେ ୨ଲକ୍ଷ ୪୭ହଜାର କୁଇଣ୍ଟାଲ ଧାନ ପଡ଼ି ରହିଛି।

# ସରକାରୀ ଜମି ଜବରଦଖଲ ରୋକିବାକୁ ଦାବିପତ୍ର

ଜାମଟିକ୍ରା,୨୦।୨(ଡି.ଏନ.ଏ)

ଅତାବିରା ବ୍ଲକ ଅନ୍ତର୍ଗତ ପାହାଡଶ୍ରୀଗିଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ଥିବା ସରକାରୀ ଜମିକୁ କିଛି ଲୋକ ଜବରଦଖଲ କରି ଘର ତିଆରି କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଗ୍ରାମର ଏକ ପ୍ରତିନିଧି ଦଳ ଶନିବାର ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି ।

ଅଭିଯୋଗ ଅନୁସାରେ, ପାହାଡ଼ଶ୍ରୀଗିଡା ଗାଁର ମୁଣ୍ଡାପଡାରୁ ମୁଖ୍ୟ କେନାଲ ରାସ୍ତା ସଂଲଗ୍ନ ସରକାରୀ ଜମିକୁ କିଛି ଲୋକ ଜବରଦଖଲ କରି ବେଆଇନ ଭାବେ ଘର ନିର୍ମାଣ କରୁଛନ୍ତି। ଫଳରେ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ଗାଡି, ମାର୍କେଟ ୟାର୍ଡକୁ ଆସୁଥିବା ଧାନ ଓ ସାର ଗାଡି ଯାତାୟାତରେ ଅସୁବିଧା ହେଉଛି। ଏହି ଗ୍ରାମରେ ଆହୁରି ଅନେକ ସରକାରୀ ଜମି ରହିଛି। ଜବରଦଖଲକାରୀଙ୍କ ଉପରେ ଅଙ୍କୁଶ ଲଗା ନ ଗଲେ ଆଗାମୀ ଦିନରେ ସେଗୁଡିକ ମଧ୍ୟ ଜବରଦଖଲ ହେବା ସହ ଦୋକାନ ବଜାର ଆଦି ଗଢ଼ି ଉଠିବ। ତେଣୁ ଏଥିପ୍ରତି ଦୃଷ୍ଟି ଦେଇ ସେମାନଙ୍କୁ ଉଚ୍ଛେଦ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ପଚାରିବାରୁ ସେ କହିଲେ, ସମ୍ପୃକ୍ତ ଜବରଦଖଲକାରୀଙ୍କୁ ତୁରନ୍ତ ଘର କାମ ବନ୍ଦ କରି ଜମି ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ନ ମାନିଲେ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପେଟ ବାହାରେ ପାକସ୍ଥଳୀ, ଆଖି ବୁଜିଲେ ଶିଶୁ

ବରଗଡ଼ ଅଫିସ୍,୨୦।୨: ବରଗଡ଼ ଜିଲା ପାଇକମାଳ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ପେଟ ବାହାରେ ପାକସ୍ଥଳୀ ଥିବା ଅବସ୍ଥାରେ ଜନ୍ମ ନେଇଥିବା ନବଜାତ ଶିଶୁପୁତ୍ରଙ୍କ ଶନିବାର କଟକ ଶିଶୁଭବନରେ ମୃତ୍ୟୁ ହୋଇଛି। ମୃତ ଶିଶୁକୁ ଧରି ପରିବାର ଲୋକେ ଘରକୁ ଫେରିଛନ୍ତି। ପ୍ରକାଶଥାଉକି, ପାଇକମାଳ ବ୍ଲକ ଅନ୍ତର୍ଗତ କାଂସଡ଼ା ପଞ୍ଚାୟତ ଚୁହୁରିପଡ଼ାର ଜଣେ ମହିଳା ଏହି ଶିଶୁକୁ ଜନ୍ମ ଦେଇଥିଲେ। ଜନ୍ମ ପରେ ଶିଶୁର ପାକସ୍ଥଳୀ ପେଟ ବାହାରେ ରହିଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭିମ୍‌ସାରରୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଥିଲା।

### ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର

ପାଇକମାଳ,୨୦।୨(ଡି.ଏନ.ଏ): ପାଇକମାଳର ୧୮୯/ସିଆରପିଏଫ ପକ୍ଷରୁ ଏକ ଜନସମ୍ପର୍କ ଶିବିର ସ୍ଥାନୀୟ ସ୍କୁଲ ପଡିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୋରିୟା ମୁଖ୍ୟଅତିଥି, ଡେପୁଟି କମାଣ୍ଡାଣ୍ଟ ବିନୋଦ ଟଣ୍ଡନ, ଦେବାଶିଷ ସାହୁ, ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ସୁରେଶ କୁମାର, ସରପଞ୍ଚ ଧବଳେଶ୍ୱର ସାହୁ, ସହଦେବ ଧରୁଆ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପାଇକମାଲ ଓ ମିଠାପାଲି ପଞ୍ଚାୟତର ୫୪ଜଣ ଅସହାୟଙ୍କୁ ସୋଲାର ଲାଇଟ ଓ ପାଣି ଟାଙ୍କି ପ୍ରଦାନ କରାଯାଇଥିଲା ।

### ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି

ଜାମଟିକ୍ରା, ୨୦।୨ (ଡି.ଏନ.ଏ): ଆସନ୍ତା ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଅତାବିରା ବ୍ଲକ କୁଲୁଣ୍ଡା, ପଲସାପାଲି ଓ ଜାମଟିକ୍ରାର ଏକ ତ୍ରିକୋଣ ଭୂମିରେ ୩ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଛି। ଏଥିପାଇଁ ପୂର୍ବତନ ସରପଞ୍ଚ କୁଳମଣି ପଧାନଙ୍କ ସଭାପତିତ୍ୱରେ ପଲସାପାଲି, ବାଞ୍ଜିପାଲି ଓ କୁଲୁଣ୍ଡା ଗ୍ରାମର ଲୋକଙ୍କୁ ନେଇ ମନ୍ଦିର ପ୍ରତିଷ୍ଠା କମିଟିର ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ତିନି ଦେବୀ ହିର୍ଲିପାଲିଏନ, ଗ୍ରାମପତି ଓ ନନ୍ଦେଇ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ସୂଚାରୁ ଭାବେ ପରିଚାଳନା ପାଇଁ କମିଟି ଗଠନ କରାଯାଇଛି। ସଭାରେ ରାଜେଶ ପଧାନ, ପ୍ରମୋଦ ରଥ, ଅର୍ଜୁନ ଭୋଇ, ଯୁବରାଜ ପଧାନ, ଘାସିରାମ ଭୁଏ ଉପସ୍ଥିତ ଥିଲେ।

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ଗୁରୁତର

କୋକସରା, ୨୦।୨ (ଡି.ଏନ.ଏ): କଳାହାଣ୍ଡି ଜିଲା କୋକସରା ଥାନା ୨୬ ନଂ ଜାତୀୟ ରାଜପଥର କୋକସରା ଡାକ୍ତରଖାନା ଛକ ନିକଟରେ ଶନିବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ଗୁରୁତର ଯୁବକ ହେଲେ କୋକସରା ବ୍ଲକ ଚିଲଡଙ୍ଗରୀ ଗ୍ରାମର ବୀରେନ୍ଦ୍ର ନାଏକ (୪୦)। ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆହତ ଅନ୍ୟ ବାଇକ ଆରୋହୀ ହେଲେ ଜୟପାଟଣା ବ୍ଲକ ଘଣ୍ଟିଗୁଡାର ଲିଙ୍ଗରାଜ ରାଉତ (୨୨)। ସକାଳେ ବୀରେନ୍ଦ୍ର ନିଜ ଗାଁରୁ ଏକ ବାଇକ (ନଂ ଓଡି୦୮/ଇ-୦୦୬୬) ଯୋଗେ ନବରଙ୍ଗପୁରକୁ ଯାଉଥିଲେ । ସେ କୋକସରା ଡାକ୍ତରଖାନା ନିକଟରେ ଏକ ହାଇୱାକୁ ଓଭର ଟେକ୍ କରୁଥିବା ସମୟରେ ସାମ୍ନା ପଟୁ ଆସୁଥିବା ଘଣ୍ଟିଗୁଡା ଗ୍ରାମର ଲିଙ୍ଗରାଜଙ୍କ ବାଇକ (ନଂ. ଓଡି୦୩/ଜେ-୮୮୩୮) ସହ ମୁହାଁମୁହିଁ ଧକ୍କା ହୋଇଥିଲା ।

### କ୍ରିକେଟ: ଗତାବନ୍ଧ ଚାମ୍ପିୟନ

କୋକସରା, ୨୦।୨ (ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଫୁପଗାଁ ପଞ୍ଚାୟତ ଚିଲଡଙ୍ଗରୀ ଖେଳ ପଡିଆରେ ଚାଲିଥିବା କାହ୍ନା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଲଡୁଗାଁ ଓ ଗତାବନ୍ଧ ମଧ୍ୟରେ ହୋଇଥିଲା। ଲଡୁଗାଁ ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ସମସ୍ତ ଉଇକେଟ ହରାଇ ୮୭ରନ କରିଥିଲା। ଜବାବରେ ଗତାବନ୍ଧ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ସଭାରେ ଅତିଥିଭାବେ ସାମାଜିକ କର୍ମୀ ବିନୋଦ ନାଏକ, ବିଦ୍ୟାଧର ଶବର, ଗୌରଚନ୍ଦ୍ର ଶବର, ନୀଳମଣୀ ପୂଝାରି, ବିନୋଦ ବିହାରୀ କର, ମଞ୍ଚ ସଭାପତି ଗଜାନନ ଚଣ୍ଡି ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ।

# ଫୁଟବଲ: ଫାଇନାଲରେ ରାୟପୁର, କୁଟିଣ୍ଡା ଦଳ

ପଦ୍ମପୁର, ୨୦।୨ (ଡି.ଏନ.ଏ)


କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ରାଜବୋଡାସମ୍ବର ହାଇସ୍କୁଲ ପଡିଆରେ ଚାଲିଥିବା ଷଷ୍ଠ ରାଜେଶ ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଶନିବାର ଥିଲା ତୃତୀୟ ଦିବସ। ଖେଳର ପ୍ରଥମ ସେମିଫାଇନାଲ ରାୟପୁର ବନାମ ଜରାସିଂହା ମଧ୍ୟରେ ହୋଇଥିଲା। ଏଥିରେ ରାୟପୁର ଜରାସିଂହାକୁ ୧-୦ ଗୋଲରେ ହରାଇ ଫାଇନାଲକୁ ଉନ୍ନୀତ ହୋଇଛି। ସେହିପରି ଦ୍ୱିତୀୟ ସେମିଫାଇନାଲ କୁଟିଣ୍ଡା ବନାମ ପଦ୍ମପୁର ଦଳ ମଧ୍ୟରେ ହୋଇ ଟାଇବ୍ରେକରରେ କୁଟିଣ୍ଡା ଦଳ ୫-୩ରେ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ କୁଟିଣ୍ଡା ଦଳର ବିନୟ କିଶାନଙ୍କୁ ପୂର୍ବତନ ଫୁଟବଲ ଖେଳାଳି ନରେନ୍ଦ୍ର ସାହୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଖେଳ ପ୍ରଶିକ୍ଷକ ଦୁଃଶାସନ ବୁଡେକ, ପୂର୍ବତନ ଖେଳାଳି ନନ୍ଦକିଶୋର ମାଝୀ, ନବୀନ ଚନ୍ଦ୍ର ସାହୁ, ଦ୍ୱାଦଶ ପ୍ରଧାନ, କୁନାଲ ସିଂ ବରିହା ପ୍ରମୁଖ ଯୋଗଦାନ କରିଥିଲେ। ଖେଳ ପରିଚାଳନା କରିଥିଲେ ଅଶ୍ୱିନୀ ବେରିହା, ଝୁଲୁ ବହିଦାର, ରାଜ ମଣ୍ଡଳ, ଦେବେନ୍ଦ୍ର ସେନାପତି, ଚିତ୍ତରଞ୍ଜନ ପାଣ୍ଡେ, ସୁଧାଂଶୁ ସେଠ, ପଞ୍ଚାନନ ପାତ୍ର ଓ ମ୍ୟାଚ କମିଶନର ଭାବେ ଚନ୍ଦ୍ରମଣି ସାହୁ ଦାୟିତ୍ୱ ତୁଲାଇଥିଲେ।

# ମହ୍ଲାର କପ୍ : ଫାଇନାଲରେ ପଞ୍ଚମହଲା

ଉଲୁଣ୍ଡା, ୨୦।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ପଞ୍ଚମହଲ ଗଣେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୨୮ତମ ମହ୍ଲାର କପ୍ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ଆୟୋଜକ ପଞ୍ଚମହଲା ଦଳ ବାରିଗାଁକୁ ୮ ଉଇକେଟରେ ପରାସ୍ତ କରି ସେମିଫାଇନାଲକୁ ଉନ୍ନିତ ହୋଇଛି। ଦ୍ୱିତୀୟ ମ୍ୟାଚରେ କୁକିଆ ଦଳ ପେଲଣ୍ଡାକୁ ୮ ଉଇକେଟରେ ପରାସ୍ତ କରିଥିଲା। ଖେଳା ଯାଇଥିବା ପ୍ରଥମ ସେମିରେ ଟସ୍ ଜିଣି ବ୍ୟାଟିଂ କରି ପଞ୍ଚମହଲା ଦଳ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଦୁର୍ଯ୍ୟୋଧନ ନାଏକ ସର୍ବାଧିକ ୪୭ ରନ ସଂଗ୍ରହ କରିଥିଲେ। ଜବାବରେ କୁକିଆ ଦଳ ୧୦ ଓଭରରେ ୮ ଉଇକେଟ ହରାଇ ୭୮ରନ କରି ୨୭ ରନରେ ପରାସ୍ତ ହୋଇଥିଲେ । ଏହି ବିଜୟ ସହ ପଞ୍ଚମହଲା ପୁଲ-ଏ ରୁ ଫାଇନାଲରେ ପ୍ରବେଶ କରିଛି । ଖେଳକୁ ବାପୁନ ସେଠୀ ଓ ଜିତେନ ଭୋଇ ପରିଚାଳନା କରିଥିଲେ । ଅଜିତ ସ୍ୱାଇଁ ସ୍କୋରିଂ କରିଥିବା ବେଳେ ମଧୁସୂଦନ ମିଶ୍ର ଧାରାବିବରଣୀ ପ୍ରଦାନ କରିଥିଲେ। ସକାଳେ ଆୟୋଜକ ମୁଖ୍ୟ ଆଭାତ ଘିବିଲାଙ୍କ ପରିଚାଳନାରେ ଉଲୁଣ୍ଡା ବ୍ଲକ କ୍ରିକେଟ ଆସୋସିଏଶନ ସଂଯୋଜକ ଉରୁକ୍ରମ ପାଣ୍ଡିଆ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

# ୟୁଥ ରେଡକ୍ରସ ସ୍ୱେଚ୍ଛାସେବୀ ମଣ୍ଡଳସ୍ତରୀୟ ଶିବିର



ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

ଦେଓଗାଁ ,୨୦।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ତିନିଦିନ ଧରି ଚାଲିଥିବା ୟୁଥ ରେଡକ୍ରସ ସ୍ୱେଚ୍ଛାସେବୀ ମଣ୍ଡଳସ୍ତରୀୟ ଶିବିର ଉଦଯାପିତ ହୋଇଯାଇଛି। ପରାମର୍ଶଦାତା ଶ୍ରୀନିବାସ ଗଡତ୍ୟା, ଦୁର୍ବାଦଳ ଘିଭେଲା, ମଳୟ ରଞ୍ଜନ ରଣା ତଥା ୧୮ ସ୍ୱେଚ୍ଛାସେବୀଙ୍କୁ ନେଇ ଏହି ଶିବିର ଚାଲିଥିଲା । ଅଧକ୍ଷ ପୁରୁଷୋତ୍ତମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାଲେପାଲି ଶିକ୍ଷକ ଶିକ୍ଷା ତାଲିମକେନ୍ଦ୍ର ଅଧ୍ୟକ୍ଷ ଡ.ସୁଧାଂଶୁ ଭୂଷଣ ମେହେର ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଅଗ୍ନିଶମ ଅଧିକାରୀ ଆଲୋଇସ ବାର୍ଲା, ଗୋପାଳ ବେହେରା ଯୋଗଦେଇ ବିପର୍ଯ୍ୟୟ ମୁକାବିଲାର ଡେମୋ ପ୍ରଦର୍ଶନ କରିଥିଲେ। ନୃତ୍ୟ ପ୍ରତିଯୋଗୀତାରେ ପ୍ରଥମ ହୋଇଥିବା ସଲୋନୀ ବଡମାଲିଙ୍କୁ ପୁରସ୍କୃତ କରାଯାଇଥିଲା। ଜଗଦୀଶ ସିଂ ବାବୁଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଦୁର୍ବାଦଳ ଘିଭେଲା। ରେଡକ୍ରସ ବିଷୟରେ ଶିବିରରେ ପ୍ରଶିକ୍ଷଣ ଦିଆଯାଇଥିଲା। ଦ୍ୱିତୀୟ ଦିବସରରେ ଡିଲେଶ୍ୱର ସାହୁ ଯୋଗଦେଇ ପ୍ରାଥମିକ ଚିକିତ୍ସା ଉପରେ ପ୍ରଶିକ୍ଷଣ ଦେଇଥିଲେ। ଶିବିର ପରିଚାଳନାରେ ବିନ୍ଧୁ ସାଗର ବେହେରା, ସଙ୍ଗୀତା ମେହେର ସହଯୋଗ କରିଥିଲେ। ନଳୀନୀକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ଡୁଙ୍ଗୁରିପାଲି, ୨୦।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ରାମପୁରସ୍ଥିତ ଶ୍ରୀରାମ କଲେଜରେ ବ୍ୟାଙ୍କ ଓ ବୀମା କ୍ଷେତ୍ରରେ କ୍ୟାରିୟର ସମ୍ଭାବନା ଶୀର୍ଷକ ଏକ କାଉନସେଲିଂ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଧ୍ରୁବଚରଣ ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇସିଆଇସିଆଇ ଶାଖା ବରପାଲିର ବ୍ରାଞ୍ଚ ମ୍ୟାନେଜର ସୌମ୍ୟଜିତ ରଥ ଓ ସୁଜିତ କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବ୍ୟାଙ୍କ ଓ ବୀମା କ୍ଷେତ୍ରରେ କିପରି ନିଯୁକ୍ତି ସୁଯୋଗ ମିଳି ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅର୍ଥନୀତି ବିଭାଗ ପ୍ରାଧାପକ ଶରତ ଚନ୍ଦ୍ର ପଧାନ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧାପକ ଡ. ଗୁଣନିଧି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଷ୍ଟେଶନ ଅବ୍ୟବସ୍ଥା ନେଇ ରେଳମନ୍ତ୍ରୀଙ୍କୁ ଦାବିପତ୍ର

ଲାଠୋର, ୨୦।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲାଠୋରସ୍ଥିତ ହରିଶଙ୍କର ରୋଡ ରେଳଷ୍ଟେଶନରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏହାର ସମାଧାନ ପାଇଁ ଅଞ୍ଚଳବାସୀ ୪ଦଫା ସମ୍ବଳିତ ଏକ ଦାବିପତ୍ର କେନ୍ଦ୍ର ରେଳମନ୍ତ୍ରୀ ପୀୟୁଷ ଗୋୟଲ, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ସମ୍ବଲପୁର ଡିଭିଜନ ରେଳ ମ୍ୟାନେଜରଙ୍କୁ ଡାକ ଯୋଗେ ପଠାଇଛନ୍ତି। ଏଥିରେ ସେମାନେ ଉଲ୍ଲେଖ ରଖିଛନ୍ତି ଯେ, ଲାଠୋର ଗ୍ରାମର ମଧ୍ୟଭାଗ ଦେଇ ରେଳ ଧାରଣା ଯାଇଛି। ଟ୍ରେନ ଯାତାୟାତ ସଂଖ୍ୟା ବୃଦ୍ଧି ଯୋଗୁଁ ଅଧିକାଂଶ ସମୟରେ ଫାଟକ ବନ୍ଦ ରହୁଛି। ଏଥିଯୋଗୁ ଉକ୍ତ ରାସ୍ତା ଦେଇ ଯାଉଥିବା ଯାନବାହନ ଦୀର୍ଘ ସମୟ ଧରି ଅଟକି ରହୁଛି। ବିଶେଷ କରି ଚିକିତ୍ସା ପାଇଁ ଯାଉଥିବା ଗର୍ଭବତୀ ଓ ଶିଶୁମାନେ ହଟହଟାର ସମ୍ମୁଖୀନ ହେଉଛନ୍ତି। ଏଣୁ ରେଳ ବିଭାଗ ବାଇପାସ୍ ରାସ୍ତା ନିମାଣ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି। ସେହିପରି ଷ୍ଟେଶନରେ ମହିଳା ଯାତ୍ରୀଙ୍କ ସ୍ୱାର୍ଥଦୃଷ୍ଟିରୁ ବିଶ୍ରାମଗାର, ଶୌଚାଳୟ ନିର୍ମାଣ, ପ୍ଲାଟଫର୍ମରେ ଯାତ୍ରୀମାନଙ୍କ ପାଇଁ ଛାତର ବ୍ୟବସ୍ଥା, ପୁରୀ-ଅହମଦାବାଦ ସୁପରଫାଷ୍ଟ ଟ୍ରେନ ହରିଶଙ୍କର ରୋଡ ଷ୍ଟେଶନରେ ରହଣି କରିବାକୁ ଦାବି ରହିଛି।

# ବୃଦ୍ଧଙ୍କ ମୃତଦେହ ସଂସ୍କାର କରାଇଲେ ସରପଞ୍ଚ

ଖପ୍ରାଖୋଲ, ୨୦।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତ ଅନ୍ତର୍ଗତ ବାହାଲଭଟଲି ଗାଁର ଅସହାୟ ବୃଦ୍ଧ ବାବୁଲାଲ ପୁଟେଲ(୬୫)ଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଥିଲା। ସେ ଅନ୍ୟ ଜାତିର ବିବାହ କରିଥିବାରୁ ତାଙ୍କୁ କାନ୍ଧ ଦେବାକୁ କେହି ଆସି ନ ଥିଲେ । ଦୀର୍ଘ ସମୟ ଧରି ଘରେ ମୃତଦେହ ପଡି ରହିଥିଲା। ଘରେ ଥିବା ବୃଦ୍ଧା ସ୍ତ୍ରୀ , ବିଧବା ଝିଅ ଏବଂ ନାବାଳିକା ନାତୁଣୀ କିପରି ସଂସ୍କାର କରାଇବେ ବୁଦ୍ଧି ବାଟ ପାଇ ନ ଥିଲେ। ଖବର ପାଇ ଶନିବାର ସକାଳେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ସୁନା ଏବଂ ତାଙ୍କ ସ୍ୱାମୀ ଲଳିତ ସୁନା ବାହାଲଭଟଲି ଗାଁର ପହଞ୍ଚିଥିଲେ। ଝିଅ ଏବ ନାତୁଣୀଙ୍କ ସହ ଶବକୁ କାନ୍ଧେଇ ସଂସ୍କାର ପାଇଁ ନିଜ ଜମିକୁ ନେଇଥିଲେ। ସେଠାରେ ସରପଞ୍ଚ ସୁନା ନିଜେ ଗାତ ଖୋଲି ସଂସ୍କାର କରାଇଥିଲେ। ସରପଞ୍ଚଙ୍କ ଏହି କାମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।


ବୃଦ୍ଧଙ୍କ ମୃତଦେହକୁ ସଂସ୍କାର ପାଇଁ ନିଆଯାଉଛି।

# ସୁସ୍ଥ ପରିବେଶ ପାଇଁ ସଫେଇ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ସୋନପୁର,୨୦।୨(ନି.ପ୍ର.)


ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମହିଳାଙ୍କୁ ସମ୍ମାନିତ କରାଯାଉଛି ।

ପରିବେଶ ସୁସ୍ଥ ଓ ସ୍ୱଚ୍ଛ ରହିଲେ ମନ ସୁସ୍ଥ ରହିଥାଏ । ସ୍ୱଚ୍ଛତା ଯୋଗୁଁ ମାନସିକ ଶାନ୍ତି ଅନୁଭବ କରିହୁଏ । ଆଉ ସୁସ୍ଥ ପରିବେଶ ପାଇଁ ସହରର ସଫେଇ କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ସଫେଇ କର୍ମଚାରୀ ହିଁ ପରିବେଶ ସୁରକ୍ଷାର ବାର୍ତ୍ତାବହ ବୋଲି ସୁବର୍ଣ୍ଣପୁର ପୌର ପରିଷଦ ପକ୍ଷରୁ ଆୟୋଜିତ ବଡାଖାନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡୋଳାମଣି ପଟେଲ। ସ୍ଥାନୀୟ ଟାଉନ ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାନିଟାରୀ ଇନ୍ସପେକ୍ଟର ହରିହର ଭୋଇ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଓ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଯଯାତି କେଶରୀ ପ୍ରଧାନ ଯୋଗଦେଇ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବାରେ ସଫେଇ କର୍ମଚାରୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସ୍ୱଚ୍ଛତା ପାଇଁ ପୌର ପରିଷଦକୁ ସହଯୋଗ କରୁଥିବା ସଫେଇ କର୍ମଚାରୀ ଓ ସଚେତନ ବ୍ୟକ୍ତିମାନଙ୍କୁ ଜଣାଇବା ହିଁ ଏହି ବଡାଖାନା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ସୂଚନା ଦିଆ ଯାଇଥିଲା। ଏହି ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସହଯୋଗ କରୁଥିବା ସହରର ବିଭିନ୍ନ ୱାର୍ଡର ସଚେତନ ବ୍ୟକ୍ତି ରାଜାରାଜ ସହୁ, କ୍ଷୀତିସୁତା ପଣ୍ଡା, ଅପାରତ ବେଗମ, ହେମଲତା ବକ୍ସି, ଅନିତା ପଣ୍ଡା, ଦମୟନ୍ତୀ ସାହୁ, କଳ୍ପନା ଭେସରା, ପ୍ରାଣେଶ ପୂଝାରୀ, ସସ୍ମିତା ମେହେର ଓ ଶନ୍ତିଲତା ମିଶ୍ର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସ୍ୱଚ୍ଛତା ରକ୍ଷା ସକାଶେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀ ଚିନ୍ତାମଣି କଲେତ, ଘନ କୁମ୍ଭାର, ପ୍ରେମା ସୁରୁଗଜିଆ, କାର୍ତ୍ତିକ ସିନ୍ଧିଆ, ଶମ୍ଭୁ ନରଭଇସା, ମିଥୁନ ମହାନନ୍ଦ, ଗୋବିନ୍ଦ ଖପରଧୁଆ, ମହେଶ୍ୱର ସୁନା, ସନ୍ତୋଷ ନାଏକ, ନିରାମୟ କଲେତ, ଭରତ ସୁନା, ପ୍ରେମଲାଲ ମୁଖି, ପିଣ୍ଟୁ ଦୀପ ଓ ଶତୃଘ୍ନ ସୁନା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୌର କର୍ମଚାରୀ ଶିବରାମ ସାହୁ ସଂଯୋଜନା କରିଥିବା ବେଳେ ଏଥିରେ ଅଜିତ ନାଏକ, ଶିବନାରାୟଣ ପଟ୍ଟନାୟକ, ବ୍ରଜରାଜ ପ୍ରଧାନ ଓ ଗଜେନ୍ଦ୍ର ଗୁରୁ ପ୍ରମୁଖ ସହଯୋଗ କରିଥିଲେ।